# ଅଧ୍ୟାୟ ୨୨

## ପାଠର ନାମ–ଓଡ଼ିଆ କିଏ ? (ଏକ ଓଡ଼ିଆ ପ୍ରବନ୍ଧ)

**ଗଠନକ୍ରମ**


୨୨.0 ଉଦ୍ଦେଶ୍ୟ

୨୨.୧ ଉପକ୍ରମ

- ୨୨.୧.୧ ବିଷୟ ପ୍ରବେଶ
- ୨୨.୧.୨ ସହାୟକ ସୂଚୀ

୨୨.୨ ମୂଳପାଠର ପ୍ରଥମ ଅଂଶ

- ୨୨.୨.୧ ମୂଳପାଠଗତ ପ୍ରଶ୍ନ
- ୨୨.୨.୨ ବ୍ୟାକରଣଗତ ପ୍ରଶ୍ନ

୨୨.୩ ମୂଳପାଠର ଦ୍ୱିତୀୟ ଅଂଶ

- ୨୨.୩ ୧ ମୂଳପାଠଗତ ପ୍ରଶ୍ନ
- ୨୨.୩.୨ ବ୍ୟାକରଣଗତ ପ୍ରଶ୍ନ

୨୨.୪ ମୂଳପାଠର ଶେଷ ଅଂଶ

- ୨୨ ୪.୧ ମୂଳପାଠଗତ ପ୍ରଶ୍ନ
- ୨୨.୪.୨ ବ୍ୟାକରଣଗତ ପ୍ରଶ୍ନ
- ୨୨.୪.୩ ସମ୍ପୂର୍ଣ୍ଣପାଠ ଉପରେ ପ୍ରଶ୍ନ

୨୨.୫ ସାରାଂଶ

୨୨.୬ ଶବ୍ଦାର୍ଥ

୨୨.୭ ପଠନ ଅଭ୍ୟାସ

୨୨.୮ ଆତ୍ମସମୀକ୍ଷାମୂଳକ ପ୍ରଶ୍ନାବଳୀର ଉତ୍ତର

୨୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୨୨.0 ଉଦ୍ଦେଶ୍ୟ

ପ୍ରବନ୍ଧପାଠ ଆଧୁନିକ ଜୀବନର ଏକ ପ୍ରଧାନ ଅବଲମ୍ବନ । ଜ୍ଞାନ-ବିଜ୍ଞାନର ପ୍ରଗତି, ଦେଶ ବିଦେଶର କଥା, ଦେଶ ତଥା ସମାଜର ବିଭିନ୍ନ ସମସ୍ୟା, ସାହିତ୍ୟ ସମ୍ବନ୍ଧୀୟ ଜ୍ଞାନ, ଦୈନିକ ସମ୍ବାଦ ଆଦି ବିଭିନ୍ନ ବିଷୟ ଜାଣିବାକୁ ହେଲେ ପ୍ରବନ୍ଧପାଠର ଆଶ୍ରୟ ଏକାନ୍ତ ଆବଶ୍ୟକ । ମଣିଷର ଚିନ୍ତା ଓ ଚେତନା, ଭାବ ଓ ଭାବନା ପ୍ରବନ୍ଧରେ ପ୍ରକାଶିତ ହୋଇଥାଏ । ସମାଜର ସମସ୍ୟା ଓ ସମାଧାନ, ସଂସ୍କୃତିର ଉତ୍‌ଥାନ ଓ ପତନ, ଧର୍ମର ଦୃଷ୍ଟି ଓ ଦର୍ଶନ ପ୍ରଭୃତି ବିଭିନ୍ନ ବିଷୟ ପ୍ରବନ୍ଧରେ ଆଲୋଚିତ ହୋଇଥାଏ । ତେଣୁ ଏସବୁ ବିଷୟରେ ସମ୍ୟକ୍ ଧାରଣା ଲାଭ କରିବା ପାଇଁ ପ୍ରବନ୍ଧପାଠ ଏକାନ୍ତ ଆବଶ୍ୟକ । ସଂକ୍ଷେପରେ କହିଲେ ପ୍ରବନ୍ଧପାଠର ଉଦ୍ଦେଶ୍ୟ ହେଉଛି ମାନବକୁ ବିଭିନ୍ନ ଜ୍ଞାନ ବିଷୟରେ ଅବଗତ କରାଇ ତା'ର ଜୀବନକୁ ସୁସଂହତ ଓ ଶୃଙ୍ଖଳିତ କରିବା ।

## ୨୨.୧ ଉପକ୍ରମ

ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ଏକ ବିଶିଷ୍ଟ ବିଭାଗ, କାରଣ ଏହା ମନୋଭାବର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପାଇଁ ଏକ ଶ୍ରେଷ୍ଠ ମାଧ୍ୟମ । ପ୍ରବନ୍ଧ ଏକ ଗଦ୍ୟାତ୍ମକ କଳାଶିଳ୍ପ । ସେଥିପାଇଁ ପ୍ରବନ୍ଧ ରଚନାରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ପ୍ରବନ୍ଧର ଭାଷା ସର୍ବଦା ମାର୍ଜିତ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ସହଜବୋଧଗମ୍ୟ ହେବା ଆବଶ୍ୟକ ।

ପ୍ରବନ୍ଧକୁ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ତାହା ହେଉଚି ବସ୍ତୁନିଷ୍ଠ ବା ତନ୍ମୟ ପ୍ରବନ୍ଧ ଏବଂ ବ୍ୟକ୍ତିନିଷ୍ଠ ବା ମନ୍ମୟ ପ୍ରବନ୍ଧ । ବସ୍ତୁନିଷ୍ଠ ପ୍ରବନ୍ଧରେ ବିଭିନ୍ନ ଗୁରୁଗମ୍ଭୀର ସମସ୍ୟାର

ଆଲୋଚନା ସ୍ଥାନ ଲାଭ କରିଥାଏ । ଏହା ସାଧାରଣତଃ ପାଞ୍ଚ ପ୍ରକାର । ଯଥା—

(କ) ବିବରଣାତ୍ମକ (ବ୍ୟକ୍ତି ବସ୍ତୁ ବା ସ୍ଥାନ ସମ୍ବନ୍ଧରେ ବିବରଣୀ ପ୍ରଧାନମୂଳକ)

(ଖ) ବର୍ଣ୍ଣନାତ୍ମକ (କୌଣସି ବିଷୟରେ କ୍ରମାନୁସାରୀ ବର୍ଣ୍ଣନାମୂଳକ)

(ଗ) ଚିନ୍ତାତ୍ମକ (ଯୁକ୍ତିପ୍ରଧାନ)

(ଘ) ତତ୍ତ୍ୱମୂଳକ (ଦାର୍ଶନିକ ଦୃଷ୍ଟିଭଙ୍ଗୀ ସମ୍ପନ୍ନ)

(ଙ) ତଥ୍ୟମୂଳକ (ତଥ୍ୟପରିବେଷଣ ପ୍ରଧାନ)

ବସ୍ତୁନିଷ୍ଠ ପ୍ରବନ୍ଧର ଆଦି, ମଧ୍ୟ, ଅନ୍ତ ସୁସମନ୍ୱିତ ଚିନ୍ତାରେ ପ୍ରତିଷ୍ଠିତ ହୋଇଥାଏ । ଏହା ପାଠକର ଜ୍ଞାନକୁ ସମୁଜ୍ଜ୍ୱଳ କରି ବୁଦ୍ଧି ଓ ତାର୍କିକତାର ବିକାଶ ଘଟାଇଥାଏ ।

ବ୍ୟକ୍ତିନିଷ୍ଠ ପ୍ରବନ୍ଧରେ ପ୍ରାବନ୍ଧିକର ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ । କୌଣସି ଏକ ଗୁରୁଗମ୍ଭୀର ସମସ୍ୟାକୁ ସେ ଅତି ସରସ ଉପଭୋଗ୍ୟ ଭାବେ ଉପସ୍ଥାପନ କରି ପାଠକର ପ୍ରାଣସ୍ପର୍ଶ କରିବାକୁ ଚେଷ୍ଟା କରିଥାଏ । ଏଥିରେ ରସର ସଞ୍ଚାର ଘଟିଥାଏ । ରମ୍ୟରଚନା ଓ ଆତ୍ମକଥନଶୈଳୀରେ ରଚିତ ପ୍ରବନ୍ଧ ଆଦି ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ।

### ୨୨.୧.୧ ବିଷୟ ପ୍ରବେଶ

ଏହି ପ୍ରବନ୍ଧରେ ପ୍ରାବନ୍ଧିକ ଓଡ଼ିଆ ଜାତିର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଓଡ଼ିଆ ଜାତି, ଓଡ଼ିଆ ସଂସ୍କୃତି ଯୁଗେ ଯୁଗେ ବିଶ୍ୱ ଦରବାରରେ ନିଜର ଗୌରବ ପ୍ରତିଷ୍ଠା କରିଛି । ଓଡ଼ିଆମାନେ କିନ୍ତୁ ଭାରତୀୟତାର ମହାସ୍ରୋତରୁ ବିଚ୍ଛିନ୍ନ ନୁହନ୍ତି । ଧର୍ମ, ରାଜନୀତି ପ୍ରଭୃତିରେ ସମଗ୍ର ଭାରତରେ ଓଡ଼ିଆମାନେ ବିଶିଷ୍ଟ ଭୂମିକା ଗ୍ରହଣ କରିଛନ୍ତି । ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ବିଶ୍ୱରେ ପ୍ରଚାର କରିଛି ଏଇ ଓଡ଼ିଆ ଜାତି । ସମଗ୍ର ପ୍ରବନ୍ଧଟିରେ ପ୍ରାବନ୍ଧିକ ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ବୈଶିଷ୍ଟ୍ୟ, ଗୁରୁତ୍ୱ ଓ ଗୌରବ ବିଷୟ ଉପସ୍ଥାପନ କରିଛନ୍ତି ।

### ୨୨.୧.୨ ସହାୟକ ଗ୍ରନ୍ଥସୂଚୀ

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ—ଅସିତ କବି

ପ୍ରବନ୍ଧ ସୌରଭ—ଡଃ ବାସୁଦେବ ସାହୁ

ଆଧୁନିକ ଓଡ଼ିଆ ସାହିତ୍ୟ—ଡଃ ଜାନକୀବଲ୍ଲଭ ମହାନ୍ତି

ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ—ଡଃ ଶ୍ରୀନିବାସ ମିଶ୍ର

ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)—ଡଃ ନଟବର ସାମନ୍ତରାୟ

Quintessence of Literary Essays—W. R. Goodman

Literary Essay—V. Rai

Literary Essay—Mundra

A Background to Study of English Literature—B. Prasad

## ୨୨.୨ ମୂଳପାଠର ପ୍ରଥମ ଅଂଶ

### ଓଡ଼ିଆ କିଏ

ପ୍ରାବନ୍ଧିକ : ପଣ୍ଡିତ ଗୋପବନ୍ଧୁ ଦାସ

ଓଡ଼ିଆ ଜାତି କିଏ ? ପୃଥିବୀର ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ମାୟା-ମମତା ଜନ୍ମେ । ସେମାନଙ୍କ ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଓ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି । ସେମାନଙ୍କ ଦୃଷ୍ଟିରେ "ସ୍ୱର୍ଗାଦପି ଗରୀୟସୀ" । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି, ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା ଆକାଙ୍‌କ୍ଷା ଧରି ଜନ୍ମ ମରଣରେ ସମାନ ଶ୍ରେୟଃ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ, ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଶାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ୍ ଷ୍ଟେଟସ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ । ମାତ୍ର ଏକ ଦେଶ ବା ପ୍ରଦେଶର ଜାତି ବିଶେଷ କାଳକ୍ରମେ ଅନ୍ୟ ଜାତିର ସଂସ୍ପର୍ଶରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା, ସଭ୍ୟତାର ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କ ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲି ରାଜନୈତିକ ଓଡ଼ିଶା ନୁହେଁ ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟ ପ୍ରଦେଶର ପର୍ବତ ଶ୍ରେଣୀ ପର୍ଯ୍ୟନ୍ତ, ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବା ମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆମାନେ ଏଠାରେ ବାସକରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି, ଏହା ବୋଲିବା ବାହୁଲ୍ୟ ।

ଭାଇ ଉତ୍କଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ ଯେ ହୁଅ, ଉତ୍କଳ ଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି-ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମର ଶିଶୁ ସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳା-ଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଏପରିଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି, ଏ ଦେଶର ଇତିହାସ ଓ ସଭ୍ୟତା ତୁମର, କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଇଅଛ । ସୁତରାଂ ତୁମ୍ଭେ ଓଡ଼ିଆ, ତୁମ୍ଭେ ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳ ମାତା ମଧ୍ୟ ତୁମ୍ଭର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇଁ ରହିଅଛନ୍ତି ।

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧି ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତର ଜାତୀୟତା କେହି କେହି ଅସମ୍ଭବ ମନେ କରନ୍ତି, ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହିପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟ ସ୍ୱାର୍ଥ-ମାୟା-ମମତା ତହିଁ ସଙ୍ଗେ ମିଶାଇ ନଦେଇ ଯେଉଁମାନେ ସ୍ୱତନ୍ତ୍ର ଏବଂ ସ୍ୱତ୍ୱ ଦାବି କରନ୍ତି ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ ସ୍ୱରୂପ । ନିଜର ଆପାତ ସ୍ୱାର୍ଥ ଲାଗି ଅନ୍ୟ ଜାତିର ଉନ୍ନତିର ଅନ୍ତରାୟ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ସେମାନେ ଶତ୍ରୁ, ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ପ୍ରାଣୀ ସମ୍ପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନୀରେ ଯେଉଁ ଓଡ଼ିଆ ଜାତି ସଙ୍ଗଠିତ, ତାହାରି ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

### ୨୨.୨.୧ ମୂଳପାଠଗତ ପ୍ରଶ୍ନ

(କ) ଜାତିର ନାମକରଣ କିପରି ହୋଇଥାଏ ?

(ଖ) କେଉଁମାନେ ଓଡ଼ିଆ ଜାତି ?

(ଗ) ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ କ'ଣ ଅଛି ?

(ଘ) ସ୍ୱାଧୀନ ଓଡ଼ିଶା କେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ?

(ଙ) ଭାରତରେ ଜାତୀୟତା ଗଠନରେ କି କି ଅନ୍ତରାୟ ରହିଅଛି ?

### ୨୨.୨.୨ ବ୍ୟାକରଣଗତ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଉଲ୍ଲେଖ କର—

ଜନ୍ମଭୂମି, କର୍ମଭୂମି, ମହୋଦଧି, କାଳକ୍ରମେ, ସ୍ଥାନାନ୍ତର ।

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କର—

ସ୍ୱାର୍ଥ, ଯଥାର୍ଥ, ମହୋଦଧି ।

(ଗ) ପଠିତାଂଶରୁ ଗୋଟିଏ ସରଳ ବାକ୍ୟ ଓ ଗୋଟିଏ ଜଟିଳ ବାକ୍ୟର ଉଦାହରଣ ଦିଅ ।

(ଘ) ପଠିତାଂଶରୁ ଦୁଇଟି କୃଦନ୍ତ ପଦର ଉଦାହରଣ ଦିଅ ।

(ଙ) ପଠିତାଂଶରୁ ଦୁଇଟି ତଦ୍ଧିତ ପଦର ଉଦାହରଣ ଦିଅ ।

(ଚ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ପ୍ରକୃତି-ପ୍ରତ୍ୟୟ ନିର୍ଣ୍ଣୟ କର—

ପରିବର୍ତ୍ତନ, ପ୍ରାକୃତିକ, ସ୍ୱାଭାବିକ, ଏକତ୍ର, ସଭ୍ୟତା, ପ୍ରଶସ୍ତ, ସମର୍ପଣ ।

## ୨୨.୩ ମୂଳପାଠର ଦ୍ୱିତୀୟ ଅଂଶ

ଅନେକ ଥର ପ୍ରଶ୍ନ ଉଠିଚି ଯେ ସମ୍ମିଳନୀ ରାଜନୈତିକ କି ନୁହେଁ ? ଭିନ୍ନ ଭିନ୍ନ ଘଟଣାରେ ଏ ପ୍ରଶ୍ନର ମୀମାଂସା ଭିନ୍ନ ଭିନ୍ନ ପ୍ରକାରର ହୋଇଅଛି । ମାତ୍ର ସମ୍ମିଳନୀରେ ଯେତେବେଳେ ଯେସବୁ ବିଷୟରେ ଆଲୋଚନା କରାଯାଇଥାଏ ତାହା ସବୁ ରାଜନୈତିକ । ସେ ଯାହା ହେଉ, ଗତ ବିଶେଷ ଅଧିବେଶନରେ ଶାସନ ସଂସ୍କାର ପ୍ରସ୍ତାବମାନଙ୍କର ଆଲୋଚନା କରିବା ଦ୍ୱାରା ସମ୍ମିଳନୀ ଯେ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିଅଛି ଏହା ଅସ୍ୱୀକାର କରାଯାଇ ନପାରେ । ସମ୍ମିଳନୀ ଯଦି ଆମ୍ଭମାନଙ୍କର ଜାତୀୟ ଆକାଙ୍‌କ୍ଷାର ପ୍ରକାଶକ ହୁଏ, ଏହା ଜାତୀୟ କାର୍ଯ୍ୟର ସକଳ ବିଭାଗ ଅବଶ୍ୟ ଆଲୋଚନା କରିବ । ଜାତୀୟ ପ୍ରବୃତ୍ତି, ଜାତୀୟ ପ୍ରଭାବ ଓ ଜାତୀୟ ଅଭାବ, ଇଚ୍ଛା ସକଳ ପୂରଣ ନିମନ୍ତେ ପ୍ରୟାସ କରିବ । ଜାତୀୟ ଉନ୍ନତି ନିମନ୍ତେ ଶିଳ୍ପ, କୃଷି, ସାହିତ୍ୟ; ଶିକ୍ଷା ଯେପରି ପ୍ରୟୋଜନ, ରାଜନୈତିକ ଅଧିକାର ତତୋଽଧିକ ପ୍ରୟୋଜନ । ବସ୍ତୁତଃ ରାଜନୈତିକ ଅଧିକାର ବିନା ଅନ୍ୟାନ୍ୟ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ସୀମା ପରେ ଅଧିକ ଦୂର ଉନ୍ନତି ଅସମ୍ଭବ । ଶିକ୍ଷା, ଶିଳ୍ପ, ବାଣିଜ୍ୟ, ଏମନ୍ତ କି ଧର୍ମ ଏବଂ ସମାଜ-ଗତ ପ୍ରସଙ୍ଗମାନ କେତେବେଳେ ହେଲେ ରାଜନୀତି ସଙ୍ଗେ ସଂଘର୍ଷରେ ଅବଶ୍ୟ ଆସିବ; ତେଣୁ କେହି କେହି ପଣ୍ଡିତ ମନୁଷ୍ୟକୁ ରାଜନୈତିକ ପ୍ରାଣୀ ବୋଲି କହିଅଛନ୍ତି । ଯେଉଁମାନେ କହନ୍ତି—ପରାଧୀନ ଜାତିର ରାଜନୀତି ନାହିଁ, ସେମାନେ ମାନବ ଜୀବନକୁ ପୂର୍ଣ୍ଣ ଭାବରେ ଦେଖନ୍ତି ନାହିଁ । ପରାଧୀନ ହେଉ ବା ସ୍ୱାଧୀନ ହେଉ, ଯେଉଁ ଜାତି ବା ସମାଜ କୌଣସି ରାଜ୍ୟରେ ବାସକରେ ଏବଂ କୌଣସି ସୁଗଠିତ ଏବଂ ସୁଶୃଙ୍ଖଳାବଦ୍ଧ ଶାସନ ଶକ୍ତିର କର୍ତ୍ତୃତ୍ୱ ସ୍ୱୀକାର କରେ, ତାହାର କୌଣସି ନା କୌଣସି ପ୍ରକାରରେ ରାଜନୀତି ରହିବ । ପରାଧୀନ ଜାତିର ରାଜନୀତି ସ୍ୱାଧୀନ ଜାତିର ରାଜନୀତିଠାରୁ ପୃଥକ୍ ହୋଇପାରେ; କିନ୍ତୁ ତାହାର ରାଜନୀତି ନାହିଁ ବୋଲି କୁହାଯାଇ ନପାରେ । ସମ୍ମିଳନୀ ପରି ଜାତୀୟ ଅନୁଷ୍ଠାନ ରାଜନୀତି ଚର୍ଚ୍ଚା ଛାଡ଼ିଦେଲେ ତାହାର ଉଦ୍ଦେଶ୍ୟ ଚିରଦିନ ଅସମ୍ପୂର୍ଣ୍ଣ ରହିବ । ଏ ସମ୍ବନ୍ଧେ କୌଣସି ସୁନିଶ୍ଚିତ ସିଦ୍ଧାନ୍ତ ନକରିବା ଆମ୍ଭମାନଙ୍କର ଜାତୀୟ ଦୁର୍ବଳତାର ପରିଚୟ । ମୋ ମତରେ ସମ୍ମିଳନୀ କେବଳ ସାହିତ୍ୟିକ, ସାମାଜିକ ବା ରାଜନୈତିକ ଅନୁଷ୍ଠାନ ନୁହେଁ; କେବଳ କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଏହାର କାର୍ଯ୍ୟ ନୁହେଁ, ସମ୍ମିଳନୀ ଆମ୍ଭମାନଙ୍କର ଜାତୀୟ ଅନୁଷ୍ଠାନ । ସୁତରାଂ ଜାତୀୟ ଉନ୍ନତି ନିମନ୍ତେ ଯାହା ପ୍ରୟୋଜନ; ସମ୍ମିଳନୀର ତାହା କର୍ତ୍ତବ୍ୟ । ଏହିପରି ବ୍ୟାପକ ଭାବରେ ସମ୍ମିଳନୀର କାର୍ଯ୍ୟ ନିରୂପିତ ନ ହେଲେ ଜାତିର ତହିଁରେ ପ୍ରତ୍ୟୟ ଜନ୍ମିବ ନାହିଁ । କୌଣସି କାରଣରୁ ହେଉ, ଓଡ଼ିଶାରେ ତଥା ଭାରତରେ ଆଭିଜାତ୍ୟର ପ୍ରଭାବ ଆମ୍ଭମାନଙ୍କର ଜାତୀୟ ଶକ୍ତିକୁ ଅତ୍ୟନ୍ତ ହୀନବଳ କରିଅଛି । ମାତ୍ର ସମ୍ମିଳନୀ ପରି ଜାତୀୟତା ଗଠନ ଉଦ୍ୟମରେ ଆଭିଜାତ୍ୟ ନିମନ୍ତେ କୌଣସି ପ୍ରକାର ଅବକାଶ ରହିବା ବାଞ୍ଛନୀୟ ନୁହେଁ ।

ଏ ମାତୃପୂଜା ମଣ୍ଡପରେ ସମସ୍ତଙ୍କ ସମାନ ଅଧିକାର, ସମାନ ଆସନ । ତାହା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବ ନାହିଁ ।

ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତର ଜାତୀୟ ଆନ୍ଦୋଳନରୁ ଆମ୍ଭେମାନେ ପୃଥକ ହୋଇ ରହିଲେ ଚଳିବ ନାହିଁ । ଓଡ଼ିଶା ନଦୀ-ବନ-ପର୍ବତାଦି ପ୍ରାକୃତିକ ଅବଚ୍ଛେଦ ଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶରୁ ବିଚ୍ଛିନ୍ନ ଥିଲାପରି ବୋଧ ହେଲେ ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶ ପରି ବିଶାଳ ଭାରତର ଅଙ୍ଗବିଶେଷ । ଭାରତୀୟ ଆକାଂକ୍ଷା ସଙ୍ଗେ ଉତ୍କଳ ଆକାଂକ୍ଷାର ସାମଞ୍ଜସ୍ୟ ରହିବା ଉଚିତ । ଭାରତ ସଙ୍ଗେ ଉତ୍କଳର ନିତ୍ୟ ସମ୍ବନ୍ଧ ରହିବ ହିଁ ରହିବ । ଏହି ସମ୍ବନ୍ଧ ଚିରଦିନ ରହିଅଛି । ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର । ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମ୍ଭେମାନେ ପୂତ ପ୍ରାଣରେ ଅବହିତ ହୋଇ ପ୍ରଥମେ ଗାଉ—

"ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଲ୍ପଲତେୟଂ"

ଏହି ଜାତୀୟ ଗୀତରେ "ଭାରତ ମେବୋ ଗତିରସ୍ମାକଂ" ବୋଲି ଆମ୍ଭେମାନେ ଯାହା କହୁଅଛୁ, ଜାତୀୟ ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା ବିଧେୟ । ଉଦାର ମାନବିକତା ଲାଭ କରିବା ପଥରେ ଭାରତ ଭାବ ଆମ୍ଭମାନଙ୍କୁ ଅବଶ୍ୟ ସହାୟ ହେବ । ମନେ ରଖିବାକୁ ହେବ, ଆମ୍ଭେମାନେ ଭାରତ ଜାତିର ଅନ୍ତର୍ଗତ । ଭାରତ ଏକ ମହାଦେଶ । ତେଣୁ ସେଥିରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଜାତି, ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଛନ୍ତି; ମାତ୍ର ସେ ସମସ୍ତଙ୍କ ଭାଗ୍ୟ ଭାରତ ଭାଗ୍ୟ ସଙ୍ଗେ ସୀମାବଦ୍ଧ । ଆମ୍ଭେମାନେ ଭାରତୀୟ ଅନୁଷ୍ଠାନ ସଙ୍ଗେ ସମ୍ପୃକ୍ତ ହେଉ ବା ନ ହେଉ ଭାରତର ସୁଖ-ଦୁଃଖରେ ଆମ୍ଭମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡ଼ିବ । ଏକ ଶରୀରର ଅବୟବ ବିଶେଷ ଶରୀର ସମୂହ କ୍ରିୟାରେ ନିଜର କର୍ମ କରୁ ବା ନକରୁ ସର୍ବଶରୀର ରୋଗ ବ୍ୟାଧି ସ୍ୱାସ୍ଥ୍ୟ ସୁଅରେ ତାହାର ଭାଗ୍ୟ ରହିବାଇ ରହିବ । ଭାରତୀୟ ରାଜନୈତିକ ଆନ୍ଦୋଳନରେ ଆମ୍ଭମାନଙ୍କର ଯୋଗନାହିଁ । ଆମ୍ଭମାନଙ୍କର ଏ ଉଦାସୀନତାରେ ଯେ ରାଜଭକ୍ତିର ପରିଚୟ ମିଳୁଅଛି, ତାହାର ବିଶେଷ କିଛି ମୂଲ୍ୟ ଅଛି କି ନାହିଁ ସନ୍ଦେହ । କେହି ରାଜପୁରୁଷ ଏ ପର୍ଯ୍ୟନ୍ତ ମଧ୍ୟ କହିଅଛନ୍ତି ଯେ **"Orissa is hot bed of loyalty"** ଅର୍ଥାତ ଓଡ଼ିଶା ଭକ୍ତିରେ ସଢ଼ିଯାଉଛି । ଏ ଭକ୍ତିର ଦେବତାଙ୍କ ନିକଟରେ ଆଦର କ'ଣ ? ଏତେ ଭକ୍ତି ସତ୍ତ୍ୱେ ଭାରତ ରକ୍ଷା ଆଇନ ( **Defence of India Act** ) ଓଡ଼ିଶାରେ ଜାରି ହେଲା ତ ? ପ୍ରେସ୍ ଆଇନ **(Press Act)**ର ବିଧାନରୁ ଓଡ଼ିଶା ମୁକ୍ତ କି ? ଆଜି ଯେ ରଓଲାଟ୍ ବିଲ୍ **(Rowlatt Bill)** ଘେନି ଭାରତରେ ଏତେ ଆନ୍ଦୋଳନ ଲାଗିଛି, ସ୍ଥାନେ ସ୍ଥାନେ ତୁମୁଳ ଉତ୍ପାତ ଘଟୁଛି, ସାଧାରଣ ମନୁଷ୍ୟର ପ୍ରାଥମିକ ନ୍ୟାୟସଙ୍ଗତ ଅଧିକାରକୁ ଭାରତର ପ୍ରଜା ସାଧାରଣ ବଞ୍ଚିତ ହେବା ଭୟରେ ଅସାମାନ୍ୟ ସ୍ୱାର୍ଥତ୍ୟାଗ କରି ଯେ ଆଇନର ତୀବ୍ର ପ୍ରତିବାଦ କରୁଅଛନ୍ତି । ଓଡ଼ିଶା ଛଡ଼ା ଅନ୍ୟ ସର୍ବତ୍ର ଜାରି ହେବ ବୋଲି କିଛି ବିଧାନ ଅଛି କି ? ଘଟଣାଚକ୍ରରେ ଭାରତ ରକ୍ଷା ଆଇନ **(Defence of India Act)** ପରି ଏହା ଦିନେ ଓଡ଼ିଶାରେ ଜାରି ହେବା ସମ୍ଭବ କି ? ପୁଣି ସମଗ୍ର ଭାରତର ଆନ୍ଦୋଳନରେ ଭାରତ ଯାହା ସମୂହ ଭାବରେ ଲାଭ କରୁଅଛି, ଓଡ଼ିଶା ବା ଓଡ଼ିଆ ଜାତି ତହିଁର ଫଳଭୋଗୀ ହୋଇନାହାନ୍ତି କି ? ଅତଏବ ଭାରତୀୟ ଆକାଂକ୍ଷା ସଙ୍ଗେ ଆମ୍ଭମାନଙ୍କର ଜାତୀୟ ଆକାଂକ୍ଷା ମିଳାଇ ସମଗ୍ର ଭାରତ ମହାଜାତିର କଲ୍ୟାଣରେ ଯଥାଶକ୍ତି ଆତ୍ମବିନିଯୋଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ମନେରଖିବାକୁ ହେବ ଆମ୍ଭେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡ଼ିଆ । ଏହି ଭାବ ମନରେ ନ ରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି, ମାତ୍ର ସାମାଜିକ ଭିତ୍ତି ବିନା ଏ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏ ନାହିଁ । ସେହିପରି ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ।

**୨୨.୩.୧ ମୂଳପାଠଗତ ପ୍ରଶ୍ନ**

(କ) ସମ୍ମିଳନୀ ରାଜନୈତିକ କି ନୁହେଁ—ବିଚାର କର ।

(ଖ) ସମ୍ମିଳନୀର କାର୍ଯ୍ୟ କ'ଣ ?

(ଗ) ଜାତୀୟ ଉନ୍ନତି ନିମନ୍ତେ ରାଜନୈତିକ ଅଧିକାର ପ୍ରୟୋଜନ କି ?

(ଘ) ଜାତୀୟ ଉନ୍ନତି ନିମନ୍ତେ ରାଜନୈତିକ ଅଧିକାର କିପରି ପ୍ରୟୋଜନ ?

(ଙ) ପରାଧୀନ ଜାତିର ରାଜନୀତି ଅଛି କି ?

(ଚ) ଜାତୀୟ ଉନ୍ନତି ନିମନ୍ତେ କ'ଣ କ'ଣ ପ୍ରୟୋଜନ ?

(ଛ) ଆମ୍ଭମାନଙ୍କର ଜାତୀୟ ଶକ୍ତିକୁ କିଏ ହୀନବଳ କରିଅଛି ?

(ଜ) ସମ୍ମିଳନୀର ଲକ୍ଷ୍ୟ କ'ଣ ?

(ଝ) ଆମ୍ଭମାନଙ୍କର ପରିଚୟ କ'ଣ ?

(ଞ) ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟ କିପରି ଫୁଟିବ ?

**୨୨.୩.୨ ବ୍ୟାକରଣଗତ ପ୍ରଶ୍ନ**

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କର—
ସମ୍ମିଳନୀ, ତତୋଽଧିକ, ଅନ୍ୟାନ୍ୟ ।

(ଖ) 'ପ୍ରବୃତ୍ତି', 'ପ୍ରୟାସ', 'ଅଧିକାର'—ଏହି ଶବ୍ଦଗୁଡ଼ିକର ପ୍ରକୃତିପ୍ରତ୍ୟୟ ନିର୍ଣ୍ଣୟ କର ।

(ଗ) ପଠିତାଂଶରୁ ପାଞ୍ଚଟି ତତ୍ସମ ଶବ୍ଦର ଉଦାହରଣ ଦିଅ ।

(ଘ) ପଠିତାଂଶରୁ ତିନୋଟି ତଦ୍ଭବ ଶବ୍ଦର ଉଦାହରଣ ଦିଅ ।

(ଙ) ପଠିତାଂଶରୁ ଦୁଇଟି ବୈଦେଶିକ ଶବ୍ଦର ଉଦାହରଣ ଦିଅ ।

## ୨୨.୪ ମୂଳପାଠର ଶେଷ ଅଂଶ

ଓଡ଼ିଆ ଯେ ଏହି ଉଦାର ମାନବଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖା ହୋଇନାହିଁ । ଏହାର ଗିରିବର କନ୍ଦରରେ ଯେ ସମସ୍ତ ଉପାଦାନ ବିକ୍ଷିପ୍ତ ଭାବରେ ପଡିରହିଛି, ଭଗ୍ନ ମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଅଛି । ପୁଣ୍ୟ ପର୍ବମାନଙ୍କରେ ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର, ସେସବୁର ମଜ୍ଜାରେ ଯେ ସତ୍ୟ ସାର ନିହିତ ଅଛି । ପ୍ରବାଦ ଓ ପ୍ରଚଳିତ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେସବୁର ଭିତରକୁ ଦେଖିଲେ ଜଣାଯାଏ, ଓଡ଼ିଆ ଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନଥିଲେ । ନଦୀ ପର୍ବତ ଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା, ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତି କରି ଅଛନ୍ତି । ଜାତୀୟତାର ଲକ୍ଷ୍ୟରେ ଉଦାର ମାନବିକତା, ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଶାର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା, ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ କଳୁଷିତ ନୁହେଁ । ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ । ଗଭୀର ଧର୍ମଭାବ ଓ ଦୃଢ଼ବିଶ୍ୱାସ ଏହାର ଭିତ୍ତି । ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳ ଧର୍ମରେ ପ୍ରକଟିତ, ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ ସ୍ଥାନ ବିଶେଷରେ 'ନାଥ', ମାତ୍ର ଜଗତର ନାଥ ନୁହନ୍ତି । ପ୍ରାଚୀନ କାଶୀ-ଧାମରେ ବିଶ୍ୱନାଥ ଅଛନ୍ତି, କିନ୍ତୁ ସମଗ୍ର ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ । କାଳକ୍ରମେ ଆମ୍ଭମାନଙ୍କର ଜାତୀୟ ଅଧୋଗତି ସଙ୍ଗେ ନୀଳାଚଳର ମୌଳିକ ଉଦାରଭାବ ଆଜି ବହୁ ସଙ୍କୁଚିତ ହୋଇଅଛି ସତ୍ୟ, କିନ୍ତୁ ଧର୍ମ ଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ, ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ । ନୀଳାଚଳର ନୀତିରେ କ୍ଷୁଦ୍ର-ବୃହତ୍ ନାହିଁ, ରାଜା-ପ୍ରଜା ନାହିଁ, ବ୍ରାହ୍ମଣ-ଚଣ୍ଡାଳ ନାହିଁ, ପାମର-ପ୍ରେମିକ ନାହିଁ, ଏମନ୍ତ କି ହିନ୍ଦୁ ବୌଦ୍ଧର ଭେଦ ନାହିଁ । ପରବର୍ତ୍ତୀ ଚୈତନ୍ୟ ଯୁଗରେ ମଧ୍ୟ ହିନ୍ଦୁ ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଏଠାରେ ଲୁଚି ଯାଇଥିଲା । ଏହି ଉଦାର ମାନବିକତା ଏବଂ ମହାଭାରତ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲି ତ କାଳେ କାଳେ ଭାରତର ଦିଗଦିଗନ୍ତରୁ ସିଦ୍ଧ ସାଧକ ଓ ମହାପୁରୁଷମାନେ ଆକୃଷ୍ଟ ହୋଇଆସିଛନ୍ତି । ଜଗନ୍ନାଥ ସାକ୍ଷାତ ବୌଦ୍ଧ ଅବତାର । ଶଙ୍କରଙ୍କର ପ୍ରଧାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମକେନ୍ଦ୍ର । ନାନକ ପୁରୀର ସାଗର ସୈକତରେ ନିଜର ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଇଥିଲେ । କବୀରଙ୍କର ମଧ୍ୟ ଆସ୍ଥାନ ଏହିଠାରେ । ଅବଶେଷରେ ପ୍ରେମର ଅବତାର ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟ ଭାରତର ସମଗ୍ର ତୀର୍ଥଭୂମି ବୁଲି ଶେଷରେ ଏହି ସାର୍ବଜନୀନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ—

"ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁମେ"

ମୁସଲମାନ ଭକ୍ତ ହରିଦାସ, ସାଲବେଗ ପ୍ରଭୃତିଙ୍କର ସମାଧି ଏହି ପୁରୀରେ ପ୍ରତିଷ୍ଠିତ । ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ନୁହେଁ । ଓଡ଼ିଆ କେବେ କ୍ଷୁଦ୍ରତାରେ ସୀମାବଦ୍ଧ ନୁହେଁ, ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ମନୁଷ୍ୟ ହାତଗଢ଼ା ଶିଳ୍ପ ଛଡ଼ା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ ଓଡ଼ିଆର ସେହି ବିଶାଳ ଭାବ ଓ ଉଦାରତାର ପ୍ରମାଣ । ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହାଉଦାର ଭାବ ବିକାଶ ପାଇବ, ତାହା ସ୍ୱାଭାବିକ । ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧି, ଗିରି ମହେନ୍ଦ୍ର, ବୃକ୍ଷ କଳ୍ପବଟ,

ଏମନ୍ତକି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେଁ, ଦିବ୍ୟ ଅନନ୍ତଧାମର ପ୍ରବେଶଦ୍ୱାର-ସ୍ୱର୍ଗଦ୍ୱାର । ଏହି ନାମସବୁ କ'ଣ ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣରେ ମହାଭାବ କଳ୍ପନା କରିଅଛି । ଚତୁର୍ବର୍ଗରେ ତାହାହିଁ ଦେଖିବାକୁ ପ୍ରୟାସୀ ହୋଇଅଛି । ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସ ପଟ ଫିଟାଇ ଦେଇ ଅତୀତର ଅନ୍ଧାରରେ ଆଲୋକ ଦେଉଅଛି, ମହାନଦୀ ମହୋଦଧି ପ୍ରଭୃତି ଓଡ଼ିଆ ପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡିଆ ହୃଦୟର ଆକାଙ୍‌କ୍ଷା ପ୍ରକାଶ କରୁନାହିଁ କି ? ଶିଳ୍ପରେ ଏବଂ ଦେବ ମୂର୍ତ୍ତିରେ ଓଡ଼ିଆ ହୃଦୟର ଯେ ଭାବ ବ୍ୟକ୍ତ କରିଅଛି, ଏହି ପରି ଗୋଟିଏ ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ସେହି ଉଦାର ମନୋଭାବ ପ୍ରକାଶ କରିଅଛି ।

କବିତା, ଶିଳ୍ପ ବା ଦେବତା କଳ୍ପନାରେ ଯେଉଁ ଭାବରେ ସୂଚନା ଦେଖାଯାଉଛି, ଓଡ଼ିଆ ଜୀବନ କ୍ରିୟାରେ ଇତିହାସର ଯୁଗେ ଯୁଗେ ତାହାହିଁ ପ୍ରକଟିତ ହୋଇଅଛି । ହିନ୍ଦୁ, ବୌଦ୍ଧ, ଶିଖ, ଶୈବ, ଶାକ୍ତ, ପରମାର୍ଥ ନାନା ଶାଖା ସମ୍ପ୍ରଦାୟର ମହା ସମନ୍ୱୟ ସ୍ଥଳୀ ପବିତ୍ର ଉତ୍କଳଭୂମି । ଓଡ଼ିଆ କେବେ କାହାକୁ ବିଦ୍ୱେଷ ଦୃଷ୍ଟିରେ ଦେଖି ନାହିଁ । ଧର୍ମକ୍ଷେତ୍ର ଛଡ଼ା ଶାସନ ଏବଂ ସାମାଜିକ କ୍ଷେତ୍ରରେ ଓଡ଼ିଆ ମଧ୍ୟ ଏହି ଉଦାରତା ବରାବର ଦେଖାଇ ଆସିଛି । ମୁଁ ଏଠାରେ ଏ ସମ୍ବନ୍ଧେ ଅଧିକ କିଛି ନକହି ଶ୍ରଦ୍ଧେୟ କୃପାସିନ୍ଧୁ ମିଶ୍ରଙ୍କ ବିରଚିତ 'ବାରବାଟୀ ଦୁର୍ଗ'ରୁ ଏକ ପଂକ୍ତି ଉଦ୍ଧାର କଲି—

"ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ଦାନ ହେୟ ନୁହେଁ, ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ ଥିଲା । ଚିରକାଳ ଓଡ଼ିଆ ଆତ୍ମନିର୍ଭରଶୀଳ । କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ, ଯଶୋନାଶୀ କାଳ ଗର୍ଭରେ ବିଲୁପ୍ତ ପ୍ରାୟ ହେଲେ ହେଁ ଏକଥା ସତ୍ୟ ଅନୁସନ୍ଧାନ-ସେବୀଙ୍କର ସ୍ୱୀକାର୍ଯ୍ୟ ଯେ, ଅନୁଗ୍ରହ ଦେଖାଇବା ନିମନ୍ତେ ଓଡ଼ିଆ ଭାରତ ଇତିହାସରେ ପ୍ରସିଦ୍ଧ । ଅନେକ ଜାଣିଥିବେ, କିପରି ୧୨୦୩ ଖ୍ରୀଷ୍ଟାବ୍ଦରେ ମହମଦ୍ ବକ୍ତିଆର ଖିଲିଜ୍‌ଙ୍କ ଦ୍ୱାରା ସିଂହାସନରୁ ବିତାଡ଼ିତ ହୁଅନ୍ତେ ବଙ୍ଗଦେଶର ଶେଷ ହିନ୍ଦୁରାଜା ଲକ୍ଷ୍ମଣ ସେନ ଓଡ଼ିଆଙ୍କ ଅନୁଗ୍ରହ ଭିକ୍ଷାକରି ପୁରୀରେ ନିରାପଦରେ ଶେଷ ଜୀବନ-ଯାପନ କରିଥିଲେ ହେଁ ୧୪୫୭ ଖ୍ରୀଷ୍ଟାବ୍ଦରେ ବାହ୍ମାମନୀ ରାଜ୍ୟର ସୁଲତାନ, ହୁମାୟୁନଙ୍କ ଦ୍ୱାରା ବାରମ୍ବାର ପରାସ୍ତ ହୋଇ ତେଲେଙ୍ଗା ହିନ୍ଦୁରାଜା ନରସିଂହ ଦେବଙ୍କ ରାଜତ୍ୱ କାଳରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ଭିକ୍ଷା କରିଥିଲେ । ପୁଣି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ୧୪୬୦ ଖ୍ରୀଷ୍ଟାବ୍ଦରେ ହିମ୍ବରଙ୍କ ପରିବର୍ତ୍ତେ ସ୍ୱୟଂ ରାଜା ହେବା ନିମନ୍ତେ ମଙ୍ଗଳ ରାୟ ଏହି ବାରବାଟୀରେ ଆଶ୍ରୟ ଲୋଡ଼ିଥିଲେ । ଓଡ଼ିଆମାନେ ଫେରିବା ପରେ ମାଲବା ସୁଲତାନ ମହମ୍ମଦ ସାହାଙ୍କ ଆଶ୍ରୟରେ ହିମ୍ବର ପୁଣି ରାଜା ହୋଇ ଯେତେବେଳେ ମୁସଲମାନ ଦୌରାତ୍ମ୍ୟରେ ପ୍ରପୀଡ଼ିତ ହେଲେ, ସେତେବେଳେ ଉପହାର ସହ ସେହି ପୂର୍ବ ଶତ୍ରୁ ଓଡ଼ିଆ ରାଜାଙ୍କ ସାହାଯ୍ୟ ମଗାଇ ପଠାଇ ଥିଲେ ଏବଂ ଉତ୍କଳ ରାଜା ମଧ୍ୟ ଆଶ୍ରିତ ରକ୍ଷା କଲେ । ଉତ୍ତର ଭାରତରେ ବି ଓଡ଼ିଆମାନେ ଏହିପରି ସାହାଯ୍ୟ ଦାନ ପାଇଁ ପ୍ରସିଦ୍ଧ ଥିଲେ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀର ମଧ୍ୟଭାଗରେ ସୁଲେମାନଙ୍କ କର୍ତ୍ତୃକ ପରାଭୂତ ଓ ଦୂରୀକୃତ ବଙ୍ଗର ସୁଲତାନ ଇବ୍ରାହିମ୍ ଜୀବନ ରକ୍ଷା ନିମନ୍ତେ ଇତସ୍ତତଃ ହୋଇ ପରିଶେଷରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ପ୍ରାର୍ଥୀ ହୋଇଥିଲେ ଏବଂ ସ୍ୱଦେଶ ତଥା ସ୍ୱଜାତିର ଗୌରବ ରକ୍ଷା କରି ଓଡ଼ିଆମାନେ ଆପଣାର ସହଜାତ ବଦାନ୍ୟ ଗୁଣରେ ଆଶ୍ରୟ ପ୍ରାର୍ଥୀଙ୍କୁ ଯଥୋପଯୁକ୍ତ ଭିକ୍ଷାଦାନ କରିଥିଲେ । ପୁଣି ଦୁର୍ଦ୍ଦାନ୍ତ ବଙ୍ଗ ନବାବ ସୁଲେମାନଙ୍କୁ ଦମନ କରିବା ପାଇଁ ଅହର୍ନିଶ ବହୁ ଅର୍ଥ ଓ ସାମର୍ଥ୍ୟ ବ୍ୟୟକରି ଅକୃତକାର୍ଯ୍ୟ ହେଲାପରେ ସ୍ୱୟଂ ମୋଗଲ ସମ୍ରାଟ ଆକବର ଦିନେ ଓଡ଼ିଆଙ୍କ ସାହାଯ୍ୟ ଲୋଡ଼ିଥିଲେ ଏବଂ ଓଡ଼ିଆମାନେ ଯଥାର୍ଥ ସାହାଯ୍ୟ ଦାନକରି ଜନ୍ମଭୂମିକୁ ଦେଶବ୍ୟାପୀ ମହା ଗୌରବରେ ମହୀୟାନ୍ କରିଥିଲେ । ରାଜନୈତିକ ସ୍ୱାଧୀନତା ବିଲୋପ ପରେ ମଧ୍ୟ ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡିଶାର ପ୍ରଥମ ଇଂରେଜ ବଣିକ କାର୍ଟରାଇଟ୍ ଓ ତାହାଙ୍କର ପାଞ୍ଚୋଟି ମାତ୍ର ସହଚରଙ୍କ ପ୍ରତି ହରିପୁରଠାରେ ତତ୍କାଳୀନ ପ୍ରତାପୀ ପର୍ତ୍ତୁଗୀଜମାନଙ୍କ ଆକ୍ରମଣରୁ ତାହାଙ୍କୁ ରକ୍ଷାକରି ଓଡ଼ିଆମାନେ ଯେ ମାନବ ପ୍ରୀତି ଓ ବଦାନ୍ୟତା ଦେଖାଇଥିଲେ, ତାହା ମଧ୍ୟ ସ୍ମରଣୀୟ ।"

ଏହି ସମସ୍ତ ଐତିହାସିକ ଘଟଣାରୁ କେବଳ ଯେ ଓଡ଼ିଆମାନଙ୍କର ଉଦାରତାର ପରିଚୟ ମିଳୁଅଛି, ତାହା ନୁହେଁ ଭାରତୀୟ ରାଜନୀତିରେ ସେମାନେ ପୂର୍ବେ ବରାବର ଯୋଗ ରଖିଥିଲେ, ଏହା ମଧ୍ୟ ପ୍ରମାଣିତ ହୋଇଅଛି । ଧର୍ମ ରାଜନୀତି ପ୍ରଭୃତି ସକଳ ବିଷୟରେ ଭାରତ ସଙ୍ଗେ ଓଡ଼ିଶାର ଏହି ଯେ ଚିର ସମ୍ବନ୍ଧ ରହିଅଛି, ତାହା ଅସ୍ୱୀକାର କରାଯାଇ ନପାରେ । ଭାଇ ଓଡ଼ିଆ; ବର୍ତ୍ତମାନ ତୁମ୍ଭେ ଯାହା ହୁଅ କିମ୍ବା ତୁମ୍ଭଙ୍କୁ ଅନ୍ୟ ଯାହା ବୋଲି ମନେକରୁ ପଛକେ, ଯେତେଦିନ ଯାଏ ନୀଳାଚଳରେ ସାମ୍ୟ ମୈତ୍ରୀର ଧ୍ୱଜା ଉଡୁଥିବ, ତେତେଦିନଯାଏ ଓଡ଼ିଶା ସମଗ୍ର ଭାରତର ଏକତାର କେନ୍ଦ୍ରଭୂମି ହୋଇ ବିରାଜୁଥିବ । ତୁମ୍ଭେ ଏହି ଭାରତ ଜାତୀୟତା କେନ୍ଦ୍ରରେ ଅଧିକାରୀ । ଏ ଅଧିକାରର ଉପଯୁକ୍ତ କାର୍ଯ୍ୟ ନକଲେ ଆମ୍ଭମାନଙ୍କୁ ଭାରତ ନିକଟରେ ଅପମାନିତ ହେବାକୁ ହେବ ଏବଂ ଭବିଷ୍ୟତ ପୁରୁଷମାନେ ଆମ୍ଭମାନଙ୍କର ସଂକୀର୍ଣ୍ଣତା ଓ ଅଦୂରଦର୍ଶିତାର ନିନ୍ଦା କରିବେ । ଭାରତର ବର୍ତ୍ତମାନ ଉପର୍ଯ୍ୟୁପରି କେତେ ଘଟଣା ଘଟିଯାଉଅଛି; କିନ୍ତୁ ସେ ସବୁରେ ଆମ୍ଭେମାନେ ଉଦାସୀନ ।

ସରଳ ଭାବରେ କହ ଦେଖି, ଏ ଉଦାସୀନତା ଆମ୍ଭମାନଙ୍କର ବିଚକ୍ଷଣତା ନା ଦୁର୍ବଳତା ? କେହି କେହି କହନ୍ତି ଭାରତର ବୃହତ୍ତର ଜାତୀୟ ସମସ୍ୟାରେ ଯୋଗ ଦେବାଭଳି ଆମ୍ଭମାନଙ୍କର ଶକ୍ତି ଜନ୍ମି ନାହିଁ, କିନ୍ତୁ ଜାତୀୟତା ଗଠନର ଯେ ନିୟମ ଏଠାରେ ନିର୍ଦ୍ଦେଶ କରାଗଲା ତାହା ଦୃଷ୍ଟିରେ ଏସବୁ ଆପତ୍ତି ସଙ୍ଗତ ନୁହେଁ । ଆମ୍ଭମାନଙ୍କର ଉପଯୋଗିତା ଯାହା ହେଉନା କାହିଁକି, ଆମ୍ଭେମାନେ ଯେ ଶରୀରର ଅଙ୍ଗବିଶେଷ ତାହାର ସମୂହ କାର୍ଯ୍ୟରେ ସମ୍ପର୍କ ରଖି ଯାହା ପାରିବା, ତାହା ନକଲେ ଆମ୍ଭେମାନେ ଆତ୍ମଘାତୀ । ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟ ଜାଗିଅଛି ଏହା ଆମ୍ଭେମାନେ ସମସ୍ତେ ଅନୁଭବ କରୁଅଛୁଁ । ଏହି ଜାତୀୟ ଚୈତନ୍ୟର ଜାଗରଣ ସଙ୍ଗେ ସଙ୍ଗେ ଜାତୀୟତାର ଉପଯୋଗୀ କାର୍ଯ୍ୟ ଲାଗି ଆମ୍ଭମାନଙ୍କର ଶକ୍ତି ଜନ୍ମିଅଛି । ମାତ୍ର ସେହି ଆତ୍ମଶକ୍ତିରେ ପ୍ରତ୍ୟୟ ଜନ୍ମି ନାହିଁ । ଅଲଗା ହୋଇ ରହିଥିଲେ ଏ ପ୍ରତ୍ୟୟ କଦାପି ଜନ୍ମିବ ନାହିଁ; ଚିଲିକା ସଙ୍ଗେ ସମୁଦ୍ରର ସଂଯୋଗ ଲାଗିଥିବା ଯାଏ ଚିଲିକା ସୀମାବଦ୍ଧ କ୍ଷୁଦ୍ର ଜଳାଶୟ ନୁହେଁ, ଏହା ହ୍ରଦ ହେଲେ ସୁଦ୍ଧା ସମୁଦ୍ରର ଅଙ୍ଗ । ମୁହାଣ ବନ୍ଦ ହୋଇଗଲେ ବର୍ଷାପାଣିରେ ଏହା ଆପାତତଃ ବଢ଼ି ଦିଶିପାରେ; କିନ୍ତୁ ସେ ବୃଦ୍ଧି କେବଳ ପଟୁ ମଞ୍ଜୟ ପାଇଁ ଏବଂ ଶେଷରେ ତାହା ଚିଲିକାକୁ ପୋତି ପକାଇବ ।

### ୨୨.୪.୧ ମୂଳପାଠଗତ ପ୍ରଶ୍ନ

(କ) ଭାରତ ସହିତ ଉତ୍କଳର ସମ୍ବନ୍ଧ କିପରି ?

(ଖ) ଓଡ଼ିଶାର ଐତିହାସିକ ଉପାଦାନ କେଉଁ କେଉଁ ସ୍ଥାନରେ ଉପଲବ୍ଧ ?

(ଗ) "ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା"—ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

(ଘ) ଓଡ଼ିଆର ଜାତୀୟ ଦେବତା କିଏ ?

(ଙ) ବଦ୍ରିନାଥ, ରାମନାଥ, ଦ୍ୱାରକାନାଥଙ୍କଠାରୁ ଜଗନ୍ନାଥ ଅଧିକ ମହତ୍ତ୍ୱମଣ୍ଡିତ—ଏହାର ସତ୍ୟତା ପ୍ରମାଣ କର ।

(ଚ) ନୀଳାଚଳ ଧାମକୁ କାହିଁକି ସିଦ୍ଧସାଧକ ଓ ମହାପୁରୁଷମାନେ ଆକୃଷ୍ଟ ହୋଇ ଆସିଛନ୍ତି ?

(ଛ) ନୀଳାଚଳ ଧାମକୁ କେଉଁ କେଉଁ ମହାପୁରୁଷ ଆସିଛନ୍ତି ?

(ଜ) "ଓଡ଼ିଆ କେବେ କ୍ଷୁଦ୍ରତାରେ ସୀମାବଦ୍ଧ ନୁହେଁ"—ଏହାର ଯଥାର୍ଥତା କିପରି ରହିଛି, ଉଦାହରଣ ମାଧ୍ୟମରେ ବୁଝାଅ ।

(ଝ) ଓଡ଼ିଆର ଗରିମା ଓ ଉଦାରତାର ପରିଚୟ ପ୍ରଦାନ କର ।

(ଞ) ଧର୍ମକ୍ଷେତ୍ର ଛଡ଼ା ଶାସନ ଏବଂ ସାମାଜିକ କ୍ଷେତ୍ରରେ ଓଡ଼ିଆ ମଧ୍ୟ ଉଦାରତା ଦେଖାଇ ଆସିଛି—କିପରି ?

### ୨୨.୪.୨ ବ୍ୟାକରଣଗତ ପ୍ରଶ୍ନ

(କ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କର—

ଅଭ୍ରାନ୍ତ, ଯଥାର୍ଥ, ବଦ୍ରିନାଥ, ରାଜାପ୍ରଜା, କାଳକ୍ରମେ, ସର୍ବୋତ୍କୃଷ୍ଟ, ଆତ୍ମଶକ୍ତି ।

(ଖ) ସନ୍ଧିବିଚ୍ଛେଦ କର—ଜଗନ୍ନାଥ, ନୀଳାଚଳ, ରାମାନୁଜ, ଅହର୍ନିଶ ।

(ଗ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ପ୍ରକୃତି-ପ୍ରତ୍ୟୟ ନିର୍ଣ୍ଣୟ କର—

ମାନବିକତା, ଉଦାରତା, ସାମ୍ୟ, ବାସ୍ତବିକ, ସାଧକ ।

(ଘ) ସାମ୍ୟ, ମୈତ୍ରୀ, ସ୍ୱାଧୀନତା—ଏହି ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ ।

### ୨୨.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧. ଓଡ଼ିଆ କିଏ ?

୨. ଓଡ଼ିଆମାନଙ୍କ ଦୃଷ୍ଟିରେ ଜନ୍ମଭୂମି କିପରି ?

୩. ଓଡ଼ିଶା ସହିତ ଓଡ଼ିଶାବାସୀ ଅଣଓଡ଼ିଆମାନଙ୍କର ସମ୍ପର୍କ କିପରି ?

୪. କେଉଁମାନଙ୍କୁ ପ୍ରାବନ୍ଧିକ କଣ୍ଟକ ବୋଲି କହିଛନ୍ତି ?

୫. ଜାତୀୟ ଉନ୍ନତି ନିମନ୍ତେ ଓଡ଼ିଶାରେ ଗଠିତ ସମ୍ମିଳନୀର ନାମ କ'ଣ ?

୬. ଜାତୀୟ କ୍ରମବିକାଶ ଦିଗରେ ଆମର କର୍ତ୍ତବ୍ୟ କ'ଣ ହେବା ଉଚିତ୍ ?

୭. "ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା"—ଏହା କିଏ କହିଥିଲେ ।

୮. ଓଡ଼ିଶାର ଜାତୀୟପ୍ରୀତି କିପରି ?

୯. ଶ୍ରୀଜଗନ୍ନାଥ କ୍ଷେତ୍ରକୁ ବିଭିନ୍ନ ସିଦ୍ଧ ସାଧକ ଆକୃଷ୍ଟ ହୋଇ ଆସିବାର ବିଶେଷତ୍ୱ କ'ଣ ?

୧୦. ପ୍ରେମଭକ୍ତି ମାର୍ଗର ପ୍ରଧାନ ପ୍ରଚାରକ କିଏ ?

୧୧. ଶ୍ରୀକ୍ଷେତ୍ରକୁ ଆସିଥିବା ଜଣେ ପ୍ରଧାନ ସନ୍ଥସାଧକଙ୍କ ନାମ ଲେଖ ?

୧୨. ପ୍ରାବନ୍ଧିକ ଦୁଃଖ ପ୍ରକାଶ କରିବାର କାରଣ କ'ଣ ?

୧୩. ଶଙ୍କର ଓ ରାମାନୁଜ କେଉଁ ବାଦର ପ୍ରଚାରକ ଥିଲେ ?

୧୪. 'ବାରବାଟୀ ଦୁର୍ଗ'ର ରଚୟିତା କିଏ ?

୧୫. ଲକ୍ଷ୍ମଣ ସେନ କିଏ ? ସେ କେବେ କାହା ଦ୍ୱାରା ବିତାଡ଼ିତ ହୋଇ ଓଡ଼ିଶାର ଆଶ୍ରୟ ଲୋଡ଼ିଥିଲେ ?

୧୬. କାର୍ଟରାଇଟ କିଏ ?

୧୭. କେଉଁ ରାଜାଙ୍କ ସମୟରେ ବାହ୍ମାମନୀ ସୁଲତାନ ଓଡ଼ିଆଙ୍କ ସାହାଯ୍ୟ ଭିକ୍ଷା କରିଥିଲେ ?

୧୮. ମୋଗଲ ସମ୍ରାଟ୍ ଆକବର ଓଡ଼ିଆଙ୍କ ସାହାଯ୍ୟ ଲୋଡ଼ିଥିଲେ କାହିଁକି ?

୧୯. ଓଡ଼ିଆମାନଙ୍କ ସାହାଯ୍ୟ ଭିକ୍ଷା କରିଥିବା କେତେ ଜଣ ଶାସକଙ୍କ ନାମ ଲେଖ ?

୨୦. ଉକ୍ତ ପ୍ରବନ୍ଧରେ କୃପାସିନ୍ଧୁ ମିଶ୍ରଙ୍କ 'ବାରବାଟୀ ଦୁର୍ଗ' ପୁସ୍ତକରୁ ଯେଉଁ ଉଦ୍ଧୃତିଟି ଗ୍ରହଣ କରାଯାଇଛି, ତାହା ଓଡ଼ିଆମାନଙ୍କ କେଉଁ ମହତ୍‌ଗୁଣର ପରିଚୟ ଦିଏ ?

**ବ୍ୟାକରଣ**

୧. ସନ୍ଧି କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ?

୨. ତଦ୍ଧିତ ପ୍ରତ୍ୟୟ କ'ଣ ? ଏହାର ଚାରିଟି ଉଦାହରଣ ଦିଅ ?

୩. କୃଦନ୍ତ କାହାକୁ କହନ୍ତି ?

୪. ଯୌଗିକ ବାକ୍ୟର ଲକ୍ଷଣ କ'ଣ ? ଗୋଟିଏ ଯୌଗିକ ବାକ୍ୟର ଉଦାହରଣ ଦିଅ ।

୫. ଜଟିଳ ଓ ଯୌଗିକବାକ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

୬. ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରୁ କିଏ କେଉଁ ପ୍ରକାର ବାକ୍ୟ ଚିହ୍ନାଇ ଦିଅ ।

(କ) ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହାଉଦାରଭାବ ବିକାଶ ପାଇବ, ତାହା ସ୍ୱାଭାବିକ ।

(ଖ) ଓଡ଼ିଶାର ନୀଳାଚଳଧାମ ବିଶ୍ୱ ଭ୍ରାତୃତ୍ୱବୋଧର ପ୍ରଚାର କରେ ।

(ଗ) ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି, ମାତ୍ର ସାମାଜିକ ଭିତ୍ତି ବିନା ଏ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏ ନାହିଁ ।

୭. ପ୍ରତ୍ୟକ୍ଷୋକ୍ତିକୁ ପରୋକ୍ଷୋକ୍ତିରେ ପରିଣତ କର—

ରାମ କହିଲେ, ପବିତ୍ର ରଘୁବଂଶରେ ମୋର ଜନ୍ମ । ପିତୃ ସତ୍ୟ ପାଳନ ମୋର ପରମ କର୍ତ୍ତବ୍ୟ ।

୮. ଉପସର୍ଗର ସଂଖ୍ୟା କେତେ ?

୯. ନିମ୍ନଲିଖିତ ଉପସର୍ଗ ଯୋଗରେ ଚାରିଟି ଲେଖାଏଁ ଶବ୍ଦ ଗଠନ କର ।

ଆ, ପ୍ର, ଦୁର, ବି, ପରା, ପ୍ରତି ।

୧୦. ସମାସ କାହାକୁ କହନ୍ତି ?

୧୧. ଲୁକ୍ ସମାସ ଓ ଅଲୁକ୍ ସମାସର ଲକ୍ଷଣ ଲେଖ ?

୧୨. ତତ୍‌ପୁରୁଷ ସମାସର ପାଞ୍ଚଟି ଉଦାହରଣ ଦିଅ ?

୧୩. ନିମ୍ନଲିଖିତ ସମାସଗୁଡ଼ିକ କେଉଁ ସମାସ ଓ ତାହା କିପରି ନିଷ୍ପନ୍ନ ଲେଖ ?

ଗୃହାଗତ, ଅନତିଦୀର୍ଘ, ଉଡନ୍ତାଖଇ, ଓଡ଼ିଆ ଜାତି, ଯଥାବିଧି, ରାଧାକୃଷ୍ଣ ପଞ୍ଚବଟୀ, ଜଗନ୍ନାଥ, ହରିହର, ପଥଗାମୀ ।

୧୪. ସନ୍ଧିବିଚ୍ଛେଦ କର—

ଚତୁର୍ଦ୍ଦିଗ, ଗଙ୍ଗୋଦକ, ଗୁଣାକର, ଉଚ୍ଚାସନ, ଉପର୍ଯ୍ୟୁପରି, ମହୋତ୍ସବ, ମହାନନ୍ଦ, ଯଥୋପଯୁକ୍ତ ।

୧୫ ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ କେଉଁଗୁଡିକ କୃଦନ୍ତପଦ ଓ କେଉଁଗୁଡ଼ିକ ତଦ୍ଧିତପଦ ଚିହ୍ନାଅ—

ଦାତବ୍ୟ, ମତ, ସାଧନା, ବସ୍ତ, ଉତ୍କଳୀୟ, ସାମୟିକ, ଖ୍ୟାତ, ଅର୍ଚ୍ଚନା, ଉଦାରତା ।

୧୬. ନିମ୍ନ ବାକ୍ୟରୁ ସମାପିକା ଓ ଅସମାପିକା କ୍ରିୟାକୁ ଚିହ୍ନାଇ ଦିଅ—

ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡଦାଣ୍ଡରେ ଯାଉ ଯାଉ ସାଲବେଗଙ୍କ ସମାଧି ସମ୍ମୁଖରେ ହଠାତ୍ ଅଟକିଗଲା ।

୧୭. ଖଣ୍ଡବାକ୍ୟ କ'ଣ ? ଉଦାହରଣ ଦେଇ ବୁଝାଇ ଦିଅ ।

## ୨୨.୫ ପାଠର ସାରାଂଶ

ଏହି ପାଠରେ ଓଡ଼ିଆ ଜାତିର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇଅଛି ।

ଓଡ଼ିଆ କିଏ ? ପ୍ରାକୃତିକ ନିୟମରେ ଗଠିତ ଉତ୍କଳ ବା ଓଡ଼ିଶା ନାମକ ଭୂଖଣ୍ଡରେ ସମାନ ଆଶା, ଆକାଙ୍କ୍ଷା ଓ ସ୍ୱାର୍ଥ ନେଇ ଯେଉଁମାନେ ବାସ କରୁଛନ୍ତି, ସେମାନେ ଓଡ଼ିଆ । ସେମାନଙ୍କ କର୍ମଭୂମି ଏକ ଏବଂ ସେମାନଙ୍କ ଦୃଷ୍ଟିରେ ଜନ୍ମଭୂମି ହେଉଛି ପବିତ୍ର ଓ ପ୍ରେମମୟ କ୍ଷେତ୍ର ।

ଓଡ଼ିଶାରେ ବାସ କରୁଥିବା ଅଣଓଡ଼ିଆଭାଷୀ କ'ଣ ଓଡ଼ିଆ ? ସେମାନଙ୍କର କର୍ତ୍ତବ୍ୟ କ'ଣ ? ଓଡ଼ିଶାରେ ବାସ କରୁଥିବା ବଙ୍ଗାଳୀ, ପଞ୍ଜାବୀ, ମାରୱାରି, ମାନ୍ଦ୍ରାଜୀ, ମୁସଲମାନ ଓ ଆଦିମ ଅଧିବାସୀ ଆଦି ଯେ କେହି ହେଉନା କାହିଁକି ସେ ନିଜର ସ୍ୱତ୍ୱ ଓ ସ୍ୱାର୍ଥ ଓଡ଼ିଆଙ୍କ ସହିତ ମିଳାଇ ଦେଇଥିବାରୁ ସେ ନିଜକୁ ଓଡ଼ିଆ ଭାବିବା ଉଚିତ । ପୃଥିବୀର ପ୍ରାୟ ପ୍ରତ୍ୟେକ ସ୍ଥାନରେ ଭିନ୍ନ ଭିନ୍ନ ଜାତିର ଲୋକ ଏହିଭଳି ଏକତ୍ର ବାସ କରି ସେହି ସ୍ଥାନର ଜାତୀୟତାରେ ନିଜକୁ ମିଶାଇ ଦେଇଛନ୍ତି । ଓଡ଼ିଶାରେ ବାସ କରୁଥିବା ଅଣଓଡ଼ିଆମାନଙ୍କର ଜନ୍ମଭୂମି, କର୍ମକ୍ଷେତ୍ର, ବାର୍ଦ୍ଧକ୍ୟକାଳର ବିଶ୍ରାମକ୍ଷେତ୍ର ଓ ଅନ୍ତିମକାଳର ଶୟନଭୂମି ହେଉଛି ଓଡ଼ିଶା । ଏ ଦେଶର ଅତୀତ ଇତିହାସ-ଫଳ ସେମାନେ ଭୋଗ କରୁଛନ୍ତି ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ସେମାନଙ୍କର ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ରହିଛି । ତେଣୁ ସେମାନେ ନିଜକୁ ଓଡ଼ିଆ ରୂପେ ଭାବି ଉତ୍କଳ ସମ୍ମିଳନୀରେ ଯୋଗଦେଇ ମାତୃଭୂମି ଓଡ଼ିଶାର ସେବା କରିବା ଉଚିତ । ଭାରତର ଜାତୀୟତା ପ୍ରଶ୍ନ ଉଠାଇ ଯେଉଁ ଓଡ଼ିଶାବାସୀ ଅଣଓଡ଼ିଆ ସ୍ୱାତନ୍ତ୍ର୍ୟ ଓ ନିଜର ସ୍ୱତ୍ୱ ଦାବୀ କରନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ, ମାୟା, ମମତା ସଙ୍ଗେ ନିଜକୁ ସାମିଲ ନକରନ୍ତି, ସେମାନେ ଓଡ଼ିଶାର ପ୍ରଗତି ପଥରେ କଣ୍ଟକ ସ୍ୱରୂପ କାମ କରୁଛନ୍ତି । ଏହା ଆତ୍ମଘାତୀ କାର୍ଯ୍ୟ ।

**ଓଡ଼ିଶାର ସ୍ୱାତନ୍ତ୍ର୍ୟ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠିତ ଉତ୍କଳ ସମ୍ମିଳନୀ—**

ଉତ୍କଳ ସମ୍ମିଳନୀ ଏକ ରାଜନୈତିକ ସମ୍ମିଳନୀ ନୁହେଁ । ଏହା ଏକ ଜାତୀୟ ସମ୍ମିଳନୀ । ଜାତୀୟ ଉନ୍ନତି ଏହାର ଲକ୍ଷ୍ୟ । ଜାତୀୟ ଉନ୍ନତି ପାଇଁ ଶିଳ୍ପ, କୃଷି, ସାହିତ୍ୟ ଓ ଶିକ୍ଷାର ବିକାଶ ଯେପରି ପ୍ରୟୋଜନ, ସେହିପରି ରାଜନୈତିକ ଅଧିକାର ମଧ୍ୟ ଆବଶ୍ୟକ । କେହି କେହି କହନ୍ତି ପରାଧୀନଜାତିର ରାଜନୀତି ନାହିଁ । ଓଡ଼ିଶା ଇଂରେଜ ଶାସନାଧୀନ ଥିବାରୁ ରାଜନୈତିକ ଅଧିକାର ଦାବି ବୃଥା ବୋଲି କେତେକ କହୁଥିଲେ । ଲେଖକଙ୍କ ମତରେ ଜାତି ପରାଧୀନ ହେଉ ବା ସ୍ୱାଧୀନ ହେଉ, ତାହାର ରାଜନୀତି ରହିବ । ଉତ୍କଳ ସମ୍ମିଳନୀ କେବଳ ସାହିତ୍ୟିକ, ସାମାଜିକ ବା ରାଜନୈତିକ ଅନୁଷ୍ଠାନରେ ଆବଦ୍ଧ ନରହି ଜାତୀୟ ଅନୁଷ୍ଠାନ ହେବା ଉଚିତ ଏବଂ ଜାତିର ଉନ୍ନତି ବିଧାନ ତାହାର ଲକ୍ଷ୍ୟ ହେବା ଉଚିତ ।

**ଭାରତର ଜାତୀୟତା ଓ ଓଡ଼ିଶାର ଜାତୀୟତା—**

ପ୍ରାକୃତିକ ଗଠନ ଦୃଷ୍ଟିରୁ ଓଡ଼ିଶା ଏକ ପୃଥକ୍‌ଭାଷୀ ପ୍ରଦେଶ ହେଲେ ସୁଦ୍ଧା ଏହା ଭାରତର ଏକ ଅଙ୍ଗ । ଓଡ଼ିଶା ଭାରତର ଅନ୍ତର୍ଗତ ଏବଂ ଭାରତ ସଙ୍ଗେ ଓଡ଼ିଶାର ନିତ୍ୟ ସମ୍ବନ୍ଧ ରହିଛି । ଭାରତର ସୁଖଦୁଃଖରେ ଓଡ଼ିଆ ଅଳ୍ପ ବହୁତ ପରିମାଣରେ ଭାଗୀ । ଭାରତ ରୂପକ ଦେହର ଓଡ଼ିଶା ଏକ ଅଙ୍ଗ ସଦୃଶ । ଭାରତରେ ଭାରତ ରକ୍ଷା ଆଇନ, ପ୍ରେସ୍ ଆଇନ ଆଦି ଯେତେ ଆଇନ ପାସ୍ ହେଉଛି, ଓଡ଼ିଶା ପ୍ରତି ସେସବୁ ଲାଗୁ ହେଉଛି । ପୁଣି ସମଗ୍ର ଭାରତର ଆନ୍ଦୋଳନରେ ଭାରତ ଯାହା ସମୂହ ଭାବରେ ଲାଭ

କରୁଛି, ଓଡ଼ିଆ ଜାତି ତା'ର ଫଳ ଭୋଗ କରୁଅଛି । ଆମେ ମନେ ରଖିବା ଉଚିତ ଆମେ ପ୍ରଥମେ ମଣିଷ, ତାପରେ ଭାରତୀୟ ଓ ତାପରେ ଓଡ଼ିଆ । ଭାରତର ଜାତୀୟତାଠାରୁ ଓଡ଼ିଶାର ଜାତୀୟତା ପୃଥକ ନୁହେଁ । ତେଣୁ ଭାରତୀୟ ଆକାଙ୍‌କ୍ଷା ସଙ୍ଗେ ଆମର ଜାତୀୟ ଆକାଙ୍‌କ୍ଷାକୁ ମିଳାଇ ଭାରତ ମହାଜାତିର କଲ୍ୟାଣରେ ଆମେ ନିଜକୁ ବିନିଯୋଗ କରିବା ଉଚିତ । ଏହିଭାବ ମନରେ ନ ରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ଓଡ଼ିଆ ଜାତିର ସ୍ୱାତନ୍ତ୍ୟ ଫୁଟିବ ପ୍ରଶସ୍ତତର ଜାତୀୟତା ଓ ଉଦାର ସାର୍ବଜନୀନ ମାନବିକତାରେ ।

## ଓଡ଼ିଆ ଜାତିର ଉଦାରତା

ଓଡ଼ିଆ ଜାତି ସର୍ବଦା ଉଦାର ମାନବ ଧର୍ମରେ ଦୀକ୍ଷିତ । ବିଶ୍ୱପ୍ରୀତି ହିଁ ଓଡ଼ିଶାର ଜାତୀୟତା । ଓଡ଼ିଶାର ଏହି ଜାତୀୟତା ଜଡ, ନିର୍ଜୀବ, ନୀରସ ଓ ସ୍ୱାର୍ଥ କଳୁଷିତ ନୁହେଁ କିମ୍ବା ରାଜ୍ୟ ଲାଭ ପାଇଁ ରକ୍ତପାତରେ ଏହାର ପ୍ରତିଷ୍ଠା ହୋଇନାହିଁ । ଗଭୀର ଧର୍ମଭାବ ଏହାର ଭିତ୍ତି । ଓଡ଼ିଆର ଉଦାରଭାବ ନୀଳାଚଳ ଧାମରେ ପ୍ରକଟିତ । ଭାରତର ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ ପ୍ରଭୃତି ସ୍ଥାନ ବିଶେଷର ନାଥ କିନ୍ତୁ ଓଡ଼ିଶାର ଜଗନ୍ନାଥ ଜଗତର ନାଥ । ନୀଳାଚଳ ଧାମ ବା ଜଗନ୍ନାଥ କ୍ଷେତ୍ରରେ କ୍ଷୁଦ୍ର-ବୃହତ, ରାଜା-ପ୍ରଜା, ବ୍ରାହ୍ମଣ-ଚଣ୍ଡାଳ, ପାମର-ପ୍ରେମିକ ଏପରିକି ହିନ୍ଦୁ-ବୌଦ୍ଧ ଭେଦ ନାହିଁ । ସେଥିପାଇଁ ଯୁଗେ ଯୁଗେ ଭାରତର ବିଭିନ୍ନ ସ୍ଥାନରୁ ସିଦ୍ଧ ସାଧକ ଏଠାକୁ ଆସିଛନ୍ତି । ଜଗନ୍ନାଥ ସମସ୍ତଙ୍କର ଦେବତା । ଅଦ୍ୱୈତବାଦୀ ଶଙ୍କର, ବିଶିଷ୍ଟା ଦ୍ୱୈତବାଦୀ ରାମାନୁଜ, ଶିଖ୍ ଧର୍ମର ଗୁରୁ ନାନକ, ସନ୍ଥସାଧକ କବୀର, ପ୍ରେମ ଓ ଭକ୍ତିମାର୍ଗ ପ୍ରଚାରକ ଚୈତନ୍ୟ, ମୁସଲମାନ ଭକ୍ତ ହରିଦାସ ଓ ସାଲବେଗ—ଏ ସମସ୍ତଙ୍କୁ ଜଗନ୍ନାଥ କ୍ଷେତ୍ର ସ୍ୱାଗତ କରି ସାଦର ଆଲିଙ୍ଗନ କରିଛି । ଜଗନ୍ନାଥ ମଧ୍ୟ ବୌଦ୍ଧାବତାର ରୂପେ ପରିଚିତ । ଜଗନ୍ନାଥ କ୍ଷେତ୍ର ଛଡ଼ା ଅନ୍ୟତ୍ର ମଧ୍ୟ ଓଡ଼ିଆର ଉଦାରତା ପ୍ରକଟିତ । ପୁରୀ, ଭୁବନେଶ୍ୱର, କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ଓଡ଼ିଶାର ଦେବତା ଜଗନ୍ନାଥ ଜଗତର ନାଥ, ନଦୀ ମହାନଦୀ, ସମୁଦ୍ର ମହୋଦଧି, ପର୍ବତ ମହେନ୍ଦ୍ର, ବୃକ୍ଷ କଳ୍ପବଟ, ଶ୍ମଶାନ ସ୍ୱର୍ଗଦ୍ୱାର—ଏସବୁ ନାମକରଣରେ ରହିଛି ଓଡ଼ିଆ ପ୍ରାଣର ବିଶାଳତା । ଶିଳ୍ପରେ ଓ ଦେବମୂର୍ତ୍ତିରେ ଓଡ଼ିଆ ହୃଦୟର ଭାବ ବ୍ୟକ୍ତ ହୋଇଛି । ଓଡ଼ିଆ କେବେ କାହାକୁ ବିଦ୍ୱେଷ ଦୃଷ୍ଟିରେ ଦେଖିନାହିଁ, ସେଥିପାଇଁ ଓଡ଼ିଶା ହିନ୍ଦୁ, ବୌଦ୍ଧ, ଶିଖ, ଶୈବ, ଶାକ୍ତ ପରମାର୍ଥ ଆଦି ନାନା ଶାଖା ସମ୍ପ୍ରଦାୟର ସମନ୍ୱୟ ସ୍ଥଳ ହୋଇଛି । ଯେତେଦିନ ପର୍ଯ୍ୟନ୍ତ ନୀଳାଚଳ ଧାମରେ ସାମ୍ୟ ମୈତ୍ରୀର ପତାକା ଉଡୁଥିବ ସେତେଦିନ ପର୍ଯ୍ୟନ୍ତ ଓଡ଼ିଶା ଭାରତୀୟ ଏକତାର କେନ୍ଦ୍ରବିନ୍ଦୁ ରୂପେ କାର୍ଯ୍ୟ କରୁଥିବ । ପ୍ରାବନ୍ଧିକ ଦୁଃଖିତ ଯେ ବର୍ତ୍ତମାନ ଓଡ଼ିଆ ଜାତି ଭାରତୀୟ ଜାତୀୟତା ସମ୍ପର୍କରେ ସମ୍ପୂର୍ଣ୍ଣ ଉଦାସୀନ । ଅବଶ୍ୟ ଭାରତର ବୃହତ୍ତର ଜାତୀୟ ସମସ୍ୟାରେ ଯୋଗ ଦେବା ଶକ୍ତି ଓଡ଼ିଆଙ୍କଠାରେ ଆସିନାହିଁ । କିନ୍ତୁ ଭାରତୀୟ ଜାତୀୟତା ଗଠନ ପାଇଁ ଯେଉଁ ନିୟମ ଓ ନିର୍ଦ୍ଦେଶ ରହିଛି ତାହା ପାଳନ କରିବାରେ ଆପତ୍ତି ରହିବା ଉଚିତ ନୁହେଁ ।

ଓଡ଼ିଶା ଭାରତର ଏକ ଅଙ୍ଗ । ଶରୀର ପାଇଁ ଅଙ୍ଗ କାର୍ଯ୍ୟ ନକଲେ ଯେପରି ଅଙ୍ଗ ଆତ୍ମଘାତୀ କାର୍ଯ୍ୟ କରିଥାଏ, ଓଡ଼ିଆମାନେ ଭାରତ ପାଇଁ କାର୍ଯ୍ୟ ନକଲେ ସେହିଭଳି ଆତ୍ମଘାତୀ ହେବେ । ଦୃଢ଼ ଆତ୍ମ-ପ୍ରତ୍ୟୟର ସହିତ ଓଡ଼ିଆ ଭାରତୀୟ ଜାତୀୟତାରେ ଉଦ୍‌ବୁଦ୍ଧ ହେବା ଉଚିତ ।

କୃପାସିନ୍ଧୁ ମିଶ୍ରଙ୍କ ରଚିତ 'ବାରବାଟୀ ଦୁର୍ଗ' ପୁସ୍ତକରୁ ଜଣାଯାଏ—ଖ୍ରୀ ୧୨୦୩ରେ ମହମଦ୍ ବକ୍ତିଆର୍ ଖିଲିଜଙ୍କ ଦ୍ୱାରା ବିତାଡ଼ିତ ବଙ୍ଗରାଜ ଲକ୍ଷ୍ମଣ ସେନଙ୍କୁ ଓଡ଼ିଶା ଆଶ୍ରୟ ଦେଇଥିଲା । ସେହିପରି ଖ୍ରୀ ୧୪୫୭ରେ ବାହାମନୀ ସୁଲତାନ ନରସିଂହ ଦେବଙ୍କ ରାଜତ୍ୱ କାଳରେ ଓଡ଼ିଆଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ପୁଣି ଖ୍ରୀଷ୍ଟାବ୍ଦ ୧୪୭୦ରେ ହିମ୍ବରଙ୍କ ପରିବର୍ତ୍ତେ ମଙ୍ଗଳ ରାୟ ରାଜା ହେବା ପାଇଁ ବାରବାଟୀରେ ଆଶ୍ରୟ ଲୋଡ଼ିଥିଲେ । ପୁଣି ହିମ୍ବର ମୁସଲମାନ ଦୌରାତ୍ମ୍ୟରେ ପୀଡ଼ିତ ହେଲାବେଳେ ଶତ୍ରୁ ଓଡ଼ିଆ ରାଜାଙ୍କ ସାହାଯ୍ୟ ଭିକ୍ଷା କଲାବେଳେ ଓଡ଼ିଶାର ରାଜା ତାଙ୍କୁ ସାହାଯ୍ୟ କରିଥିଲେ । ସେହିଭଳି ସୁଲେମାନ କର୍ତ୍ତୃକ ପରାଭୂତ ବଙ୍ଗର ସୁଲତାନ ଇବ୍ରାହିମ୍ ଓଡ଼ିଶାରେ ଆଶ୍ରୟ ନେଇ ନିଜର ଜୀବନରକ୍ଷା କରିଥିଲେ ଓ ସାହାଯ୍ୟ ଭିକ୍ଷା କରିଥିଲେ । ମୋଗଲ ସମ୍ରାଟ ଆକବର ମଧ୍ୟ ଦୁର୍ଦ୍ଦାନ୍ତ ବଙ୍ଗ ନବାବ ସୁଲେମାନଙ୍କୁ ଦମନ କରିବା ପାଇଁ ଓଡ଼ିଶାର ସାହାଯ୍ୟ ନେଇଥିଲେ । ଆହୁରି ମଧ୍ୟ ଖ୍ରୀ: ୧୬୩୩ରେ ଓଡ଼ିଆମାନେ ପ୍ରଥମ ଇଂରେଜ ବଣିକ କାର୍ଟରାଇଟ୍ ଓ ତାଙ୍କର ପାଞ୍ଚଜଣ ସହଚରଙ୍କୁ ପ୍ରତାପୀ ପର୍ତ୍ତୁଗୀଜ୍‌ଙ୍କ ଆକ୍ରମଣରୁ ରକ୍ଷା କରିଥିଲେ । ଏ ସମସ୍ତରୁ ପ୍ରମାଣ ମିଳେ ଓଡ଼ିଆମାନେ ଆଶ୍ରିତ ବତ୍ସଳ, ଉଦାର ଏବଂ ଭାରତୀୟ ରାଜନୀତି ସହିତ ସର୍ବଦା ସମ୍ପୃକ୍ତ ।

**ବ୍ୟାକରଣ.**—ପ୍ରବନ୍ଧରେ ସୁଚିନ୍ତିତ ଚିନ୍ତାଧାରାକୁ ସୁବିନ୍ୟସ୍ତ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ହୋଇଥାଏ । ଏଥିପାଇଁ ବାକ୍ୟ ତଥା ଶବ୍ଦାବଳୀର ସଂକ୍ଷିପ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥାଏ । ପ୍ରବନ୍ଧର ସନ୍ନିହିତ ଭାଷାଗତ ସୌନ୍ଦର୍ଯ୍ୟର ଅବଧାରଣା ପାଇଁ ବ୍ୟାକରଣର ନିୟମ ଜାଣିବା ଆବଶ୍ୟକ । ସେଥିପାଇଁ ଏଠାରେ ବ୍ୟାକରଣର ଆଲୋଚନା କରାଯାଉଛି ।

**ସନ୍ଧି** :—ପରସ୍ପର ସନ୍ନିହିତ ଦୁଇଟି ବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ । ସନ୍ଧି ତିନି ପ୍ରକାର— ସ୍ୱରସନ୍ଧି ବ୍ୟଞ୍ଜନସନ୍ଧି, ଓ ବିସର୍ଗସନ୍ଧି ।

ପାଠାନ୍ତର୍ଗତ ଉଦାହରଣ—ଶ୍ରେୟଃ+କର=ଶ୍ରେୟସ୍କର

ସୀମା+ଅବଦ୍ଧ=ସୀମାବଦ୍ଧ

ଚତୁଃ+ଦିଗ=ଚତୁର୍ଦ୍ଦିଗ

ଯଥା+ଉପଯୁକ୍ତ=ଯଥୋପଯୁକ୍ତ

ଉପରି+ଉପରି=ଉପର୍ଯ୍ୟୁପରି

ଜଳ+ଆଶୟ=ଜଳାଶୟ

**ତଦ୍ଧିତ** :—ଶବ୍ଦରେ ପ୍ରତ୍ୟୟ ଯୁକ୍ତ ହୋଇ ନୂତନ ଶବ୍ଦ ଗଠିତ ହେଲେ ସେହି ପ୍ରତ୍ୟୟକୁ ତଦ୍ଧିତ ପ୍ରତ୍ୟୟ ଏବଂ ସେହି ନୂତନ ଶବ୍ଦକୁ ତଦ୍ଧିତ ଶବ୍ଦ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—ପୃଥକ୍+ଯ=ପାର୍ଥକ୍ୟ (ଭାବାର୍ଥରେ 'ଯ' ପ୍ରତ୍ୟୟ)

ସର୍ବ+ତ୍ର=ସର୍ବତ୍ର (ସପ୍ତମୀ ବିଭକ୍ତି ଅର୍ଥରେ 'ତ୍ର' ପ୍ରତ୍ୟୟ)

ଗୁରୁ+ତ୍ୱ=ଗୁରୁତ୍ୱ (ଭାବାର୍ଥରେ 'ତ୍ୱ' ପ୍ରତ୍ୟୟ)

ଜାତି+ଈୟ=ଜାତୀୟ (ସମ୍ବନ୍ଧାର୍ଥରେ 'ଈୟ' ପ୍ରତ୍ୟୟ)

ସଭ୍ୟ+ତା=ସଭ୍ୟତା (ଭାବାର୍ଥରେ 'ତା' ପ୍ରତ୍ୟୟ)

ଜଟା+ଇଳ=ଜଟିଳ (ଅସ୍ତି ଅର୍ଥରେ 'ଇଳ' ପ୍ରତ୍ୟୟ)

ପ୍ରକୃତି+ଇକ=ପ୍ରାକୃତିକ (ସମ୍ବନ୍ଧାର୍ଥରେ 'ଇକ୍' ପ୍ରତ୍ୟୟ)

ସିକତା+ଯ=ସୈକତ (ସମ୍ବନ୍ଧାର୍ଥରେ 'ଯ' ପ୍ରତ୍ୟୟ)

ମହା+ଈୟସ୍=ମହୀୟାନ୍ (ଅତିଶଯ୍ୟ ଅର୍ଥରେ 'ଈୟସ୍' ପ୍ରତ୍ୟୟ

ପ୍ରାଣ+ଇନ୍=ପ୍ରାଣୀ (ଅସ୍ତି ଅର୍ଥରେ 'ଇନ୍'ପ୍ରତ୍ୟୟ)

**କୃଦନ୍ତ** :—ଧାତୁ (କ୍ରିୟା)ରେ ପ୍ରତ୍ୟୟଯୁକ୍ତ ହୋଇ ଗଠିତ ପଦକୁ କୃଦନ୍ତ ପଦ ଓ ସେହି ପ୍ରତ୍ୟୟକୁ କୃତ୍ ପ୍ରତ୍ୟୟ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—

ବିଜଡ୍+ତ=ବିଜଡ଼ିତ (ଅତୀତ କାଳରେ 'କ୍ତ' ପ୍ରତ୍ୟୟ)

ମା+ସନ୍=ମୀମାଂସ+ଆ (ସ୍ତ୍ରୀ ଲିଙ୍ଗରେ 'ଆ' ହେବାହେତୁ)=ମୀମାଂସା

(ଏଠାରେ ସନ୍ ପ୍ରତ୍ୟୟାନ୍ତ ମୀମାଂସ ଧାତୁ ଶେଷରେ 'ଆ' ପ୍ରତ୍ୟୟ ହୋଇ ମୀମାଂସା ହୋଇଛି ।)

କୃ+ଯ=କାର୍ଯ୍ୟ ('ଯ' ପ୍ରତ୍ୟୟ)

କୃ+ତବ୍ୟ=କର୍ତ୍ତବ୍ୟ ('ତବ୍ୟ' ପ୍ରତ୍ୟୟ)

ଧୃ+ମନ୍=ଧର୍ମ

ଭିକ୍ଷ୍+ଅ (ସ୍ତ୍ରୀ ଲିଙ୍ଗରେ 'ଆ')=ଭିକ୍ଷା

ଦୀକ୍ଷ୍+କ୍ତ (ତ)=ଦୀକ୍ଷିତ

ଘଟ୍+ଅନ+ଆ=ଘଟନା, ଘଟଣା

ଦୃଶ୍+କ୍ତିନ୍=ଦୃଷ୍ଟି

ପ୍ରୀ+କ୍ତିନ୍=ପ୍ରୀତି

କୃ+ଯ+ଆ=କ୍ରିୟା

**ବାକ୍ୟ ଗଠନ ରୀତି** :—ବାକ୍ୟ ସାଧାରଣତଃ ସରଳ, ଜଟିଳ ଓ ଯୌଗିକ ଭେଦରେ ତିନି ପ୍ରକାର ।

**ସରଳ ବାକ୍ୟ**—ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାହାକୁ 'ସରଳ ବାକ୍ୟ' କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

(କ) କେହି କେହି ପୁଣି ଉତ୍କଳ ଓ ଓଡ଼ିଶା ମଧ୍ୟରେ ପାର୍ଥକ୍ୟ ଦେଖନ୍ତି ।

(ଖ) ଓଡ଼ିଆମାନେ ଏଠାରେ ବାସ କରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ ।



(ଗ) ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି ।

(ଘ) ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖା ହୋଇ ନାହିଁ ।

**ଯୌଗିକ ବାକ୍ୟ**—ଏକାଧିକ ନିରପେକ୍ଷ ସରଳ ବାକ୍ୟର ସଂଯୋଗରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ 'ଯୌଗିକ ବାକ୍ୟ' କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

(କ) ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ ନୁହେଁ ।

(ଖ) ଭାରତର ବର୍ତ୍ତମାନ ଉପର୍ଯ୍ୟୁପରି କେତେ ଘଟଣା ଘଟି ଯାଉଅଛି, କିନ୍ତୁ ସେ ସବୁରେ ଆମ୍ଭେମାନେ ଉଦାସୀନ ।

(ଗ) ତେଣୁ ସେଥିରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଜାତି, ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଅଛନ୍ତି, ମାତ୍ର ସେ ସମସ୍ତଙ୍କ ଭାଗ୍ୟ ଭାରତ ଭାଗ୍ୟ ସଙ୍ଗେ ସୀମାବଦ୍ଧ ।

(ଘ) ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି, ମାତ୍ର ସାମାଜିକ ଭିତ୍ତି ବିନା ଏ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏ ନାହିଁ ।

**ଜଟିଳ ବାକ୍ୟ**—ପରସ୍ପର ସାପେକ୍ଷ ଏକାଧିକ ଖଣ୍ଡବାକ୍ୟର ମିଳନରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ 'ଜଟିଳ ବାକ୍ୟ' କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

(କ) ଯେଉଁମାନେ କହନ୍ତି, ପରାଧୀନ ଜାତିର ରାଜନୀତି ନାହିଁ, ସେମାନେ ମାନବ ଜୀବନକୁ ପୂର୍ଣ୍ଣ ଭାବରେ ଦେଖନ୍ତି ନାହିଁ ।

(ଖ) ଆମ୍ଭମାନଙ୍କର ଏ ଉଦାସୀନତାରେ ଯେ ରାଜଭକ୍ତିର ପରିଚୟ ମିଳୁଅଛି, ତାହାର ବିଶେଷ କିଛି ମୂଲ୍ୟ ଅଛି କି ନାହିଁ ସନ୍ଦେହ ।

(ଗ) ଯେଉଁ ଦେଶର ଦେବତା ଜଗନ୍ନାଥ ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହା ଉଦାରଭାବ ବିକାଶ ପାଇବ, ତାହା ସ୍ୱାଭାବିକ ।

(ଘ) ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟ ଜାଗିଅଛି, ଏହା ଆମ୍ଭେମାନେ ସମସ୍ତେ ଅନୁଭବ କରୁଅଛୁଁ ।

ଏଠାରେ ଲକ୍ଷ୍ୟକର କମା ( , ) ଚିହ୍ନ ପରବର୍ତ୍ତୀ ଖଣ୍ଡବାକ୍ୟ, ପୂର୍ବବର୍ତ୍ତୀ ଖଣ୍ଡବାକ୍ୟ ଉପରେ ନିର୍ଭରଶୀଳ ।

**ପ୍ରତ୍ୟକ୍ଷୋକ୍ତି**—ଯେଉଁ ବାକ୍ୟରେ ବକ୍ତାଙ୍କ ଉକ୍ତିକୁ ତାଙ୍କ ନିଜ କଥାରେ ଅବିକଳ ପ୍ରକାଶ କରାଯାଏ, ତାହାକୁ ପ୍ରତ୍ୟକ୍ଷୋକ୍ତି କହନ୍ତି ।

**ପରୋକ୍ଷୋକ୍ତି**—ଯେଉଁ ବାକ୍ୟରେ ବକ୍ତାଙ୍କ ଉକ୍ତି ଅବିକଳ ଉଦ୍ଧୃତ ନହୋଇ ତାଙ୍କ ଉକ୍ତିର ବିଷୟ ଅନ୍ୟ ପ୍ରକାରରେ ପ୍ରକାଶିତ ହୁଏ, ତାହାକୁ ପରୋକ୍ଷୋକ୍ତି କୁହାଯାଏ ।

**ଉପସର୍ଗ** :—

ପ୍ର, ପରା, ଅପ, ସମ୍, ନି, ଅଧି, ସୁ, ନିର୍, ଦୁର୍, ଉତ୍, ଅତି, ପରି, ପ୍ରତି, ଅବ, ଅନୁ, ବି, ଅଭି, ଉପ, ଅପି, ଆ ପ୍ରଭୃତିକୁ ଅବ୍ୟୟ କୁହାଯାଏ । ଏଗୁଡ଼ିକ ଧାତୁ (କ୍ରିୟା) ପୂର୍ବରୁ ବ୍ୟବହୃତ ହୋଇ ଅର୍ଥରେ ପରିବର୍ତ୍ତନ ଘଟିଥାଏ । ତେଣୁ ଏଗୁଡ଼ିକୁ ଉପସର୍ଗ କୁହାଯାଏ । ଉପସର୍ଗର ସଂଖ୍ୟା ୨୦ । ତାହା ଉପରେ କୁହାଯାଇଛି । ଉଦ୍ଧୃତ ପାଠରେ ଥିବା କେତୋଟି ଉପସର୍ଗର ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି । ଯଥା—ଆବଦ୍ଧ, ପ୍ରଦେଶ, ଅଧିବାସୀ, ଅଭିପ୍ରାୟ, ସମ୍ମିଳନୀ (ସମ୍+ମିଳନୀ), ସୁଗଠିତ, ଉଦ୍ଭବ, ଦୁର୍ଦ୍ଦାନ୍ତ, ବିଶେଷ, ପରାଭୂତ, ଅନୁସନ୍ଧାନ, ପରିବର୍ତ୍ତିତ, ଅତିକ୍ରମ, ପ୍ରତିବାଦ ।

**ପ୍ରବନ୍ଧରେ ଥିବା ବିଭିନ୍ନ ସମାସ**—

ପରସ୍ପର ସମ୍ବନ୍ଧିତ ଏକାଧିକ ପଦକୁ ଏକ ପଦରେ ପ୍ରକାଶ କରିବାର ନାମ ସମାସ । ଦୀର୍ଘ ବାକ୍ୟକୁ ସଂକ୍ଷିପ୍ତ କରିବା ପାଇଁ ସମାସର ଆଶ୍ରୟ ନିଆଯାଇଥାଏ । ପ୍ରବନ୍ଧରେ ସମାସ ଏକ ବିଶିଷ୍ଟ ସ୍ଥାନ ନେଇଥାଏ । ସମାସ ମୁଖ୍ୟତଃ ଦୁଇ ପ୍ରକାର । ଯଥା—ଲୁକ୍ ସମାସ ଓ ଅଲୁକ୍ ସମାସ । ସମସ୍ୟମାନ ପଦ (ସମାସ ବାକ୍ୟରେ ଥିବା ପ୍ରତ୍ୟେକ ପଦ) ଗୁଡ଼ିକରେ ବିଭକ୍ତିର ଚିହ୍ନ ଲୋପ ପାଇନଥିଲେ ତାହାକୁ ଅଲୁକ୍ ସମାସ କୁହାଯାଏ ଏବଂ ବିଭକ୍ତିର ଚିହ୍ନ ଲୋପ ପାଇଥିଲେ ତାହା ଲୁକ୍ ସମାସ ହୁଏ ।

ଲୁକ୍ ସମାସ ଛଅ ପ୍ରକାର । ଯଥା—ତତ୍ପୁରୁଷ, କର୍ମଧାରୟ, ଦ୍ୱିଗୁ, ଦ୍ୱନ୍ଦ୍ୱ, ବହୁବ୍ରୀହି ଓ ଅବ୍ୟୟୀଭାବ ।

**ତତ୍ପୁରୁଷ ସମାସ**—ଯେଉଁ ସମାସରେ ପରପଦର ପ୍ରାଧାନ୍ୟ ରହିଥାଏ, ତାହାକୁ ତତ୍ପୁରୁଷ ସମାସ କୁହାଯାଏ । ପୂର୍ବପଦର ବିଭକ୍ତି ଅନୁସାରେ ତତ୍ପୁରୁଷ ସମାସ ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ତତ୍ପୁରୁଷ ଭେଦରେ ଛଅ ପ୍ରକାର ହୋଇଥାଏ । ଏହାଛଡ଼ା ଉପପଦ ଓ ନିଷେଧାର୍ଥକ ତତ୍ପୁରୁଷ ମଧ୍ୟ ରହିଅଛି ।

ପାଠାନ୍ତର୍ଗତ ଉଦାହରଣ—

ଅନ୍ତର୍ଗତ—ଅନ୍ତଃକୁ ଗତ (ଦ୍ୱିତୀୟା ତତ୍ପୁରୁଷ)

ହାତଗଢ଼ା—ହାତ ଦ୍ୱାରା ଗଢ଼ା (ତୃତୀୟା ତତ୍ପୁରୁଷ)

ରାଜାଭକ୍ତି—ରାଜାକୁ ଭକ୍ତି (ଚତୁର୍ଥୀ ତତ୍ପୁରୁଷ)

ଧର୍ମକ୍ଷେତ୍ର—ଧର୍ମର କ୍ଷେତ୍ର (ଷଷ୍ଠୀ ତତ୍ପୁରୁଷ)

ଗିରିବର—ଗିରିମାନଙ୍କରେ ବର (ସପ୍ତମୀ ତତ୍ପୁରୁଷ)

**ଉପପଦ୍ ତତ୍ପୁରୁଷ ସମାସ**—ଧାତୁ (କ୍ରିୟା) ପୂର୍ବରେ ଥିବା ଉପପଦ ସହିତ ସମାସ ଘଟିଲେ ତାହା ଉପପଦ ତତ୍ପୁରୁଷ ସମାସ ହୋଇଥାଏ ।

ପାଠାନ୍ତର୍ଗତ ଉଦାହରଣ—

ପଥଗାମୀ—ପଥରେ ଗମନ କରେ ଯେ

ଫଳଭୋଗୀ—ଫଳ ଭୋଗ କରେ ଯେ

**ନଞ୍ ବା ନିଷେଧାର୍ଥକ ତତ୍ପୁରୁଷ ସମାସ**—'ନ' ଅବ୍ୟୟପଦ ଯୋଗରେ ଘଟିତ ସମାସକୁ ନଞ୍ ତତ୍ପୁରୁଷ ବା ନିଷେଧାର୍ଥକ ତତ୍ପୁରୁଷ ସମାସ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—

ଅସମ୍ଭବ—ନ ସମ୍ଭବ

**କର୍ମଧାରୟ ସମାସ**—ଦୁଇଟି ପଦ ଗୋଟିଏ ବସ୍ତୁକୁ ବୁଝାଇ ସେହି ଦୁଇ ପଦର ମିଳନରେ ଗଠିତ ସମାସକୁ କର୍ମଧାରୟ ସମାସ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—

ଓଡ଼ିଆ ଜାତି—ଓଡ଼ିଆ ନାମକ ଜାତି

**ଦ୍ୱିଗୁ ସମାସ**—ସଂଖ୍ୟା ବାଚକ ଶବ୍ଦ ପୂର୍ବରୁ ଥାଇ ସମାସ ହେଲେ ଦ୍ୱିଗୁ ସମାସ ହୁଏ ।

ପାଠାନ୍ତର୍ଗତ ଉଦାହରଣ—

ବାରବାଟୀ—ବାରବାଟି (ଭୂମି)ର ସମାହାର ।

**ଦ୍ୱନ୍ଦ୍ୱ ସମାସ**—ଏକାଧିକ ପଦର ମିଳନ ଘଟି ପ୍ରତ୍ୟେକ ପଦର ପ୍ରାଧାନ୍ୟ ରହିଲେ ଦ୍ୱନ୍ଦ୍ୱ ସମାସ ହୋଇଥାଏ ।

ପାଠାନ୍ତର୍ଗତ ଉଦାହରଣ—

ମାୟା ମମତା—ମାୟା ଓ ମମତା

ରାଜାପ୍ରଜା—ରାଜା ଓ ପ୍ରଜା

**ବହୁବ୍ରୀହି ସମାସ**—ଯେଉଁ ସମାସରେ ସମସ୍ତ ପଦଗୁଡ଼ିକ ସମସ୍ୟମାନ ପଦ ଭିତରୁ କାହାକୁ ନବୁଝାଇ ତଦର୍ଥ ବିଶିଷ୍ଟ ଅନ୍ୟ ଏକ ପଦକୁ ବୁଝାଇଥାଏ, ତାହାକୁ ବହୁବ୍ରୀହି ସମାସ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—

ଜଗନ୍ନାଥ—ଜଗତର ନାଥ ଅଟନ୍ତି ଯେ

**ଅବ୍ୟୟୀଭାବ ସମାସ**—ଯେଉଁ ସମାସର ପୂର୍ବ ପଦରେ ଅବ୍ୟୟପଦ ଥାଏ ଓ ତାହାର ଅର୍ଥର ମଧ୍ୟ ପ୍ରାଧାନ୍ୟ ଥାଏ, ତାହାକୁ ଅବ୍ୟୟୀଭାବ ସମାସ କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

ଯଥାଶକ୍ତି—ଶକ୍ତିକୁ ଅତିକ୍ରମ ନକରି ।

**ସମାପିକା କ୍ରିୟା**—ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟ ଅର୍ଥ ସମ୍ପୂର୍ଣ୍ଣ ଭାବେ ପ୍ରକାଶ ପାଏ ଏବଂ ଅନ୍ୟ କ୍ରିୟାର ଅପେକ୍ଷାରେ ରହେ ନାହିଁ, ତାହାକୁ ସମାପିକା କ୍ରିୟା କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ମାୟା-ମମତା ଜନ୍ମେ ।

**ଅସମାପିକା କ୍ରିୟା**—ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ପ୍ରକାଶ ପାଏ ନାହିଁ ଏବଂ ଅନ୍ୟ କ୍ରିୟାର ଅପେକ୍ଷାରେ ରହେ, ତାହାକୁ ଅସମାପିକା କ୍ରିୟା କହନ୍ତି ।

ପାଠାନ୍ତର୍ଗତ ଉଦାହରଣ—

ପୃଥିବୀର ସ୍ଥାନ ଅନୁସାରେ ଜାତିର ନାମ କରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ ।

× × × ଓଡ଼ିଆମାନେ ଏଠାରେ ବାସକରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ ।

**ଖଣ୍ଡବାକ୍ୟ**—କେତେକ ପଦର ସମଷ୍ଟିରେ କର୍ତ୍ତା ଓ ସମାପିକା କ୍ରିୟା ଥାଇ ସୁଦ୍ଧା ପୂର୍ଣ୍ଣ ମନୋଭାବ ପ୍ରକାଶିତ ନ ହେଲେ ଏବଂ ସେହି ପଦ ସମଷ୍ଟି ଗୋଟିଏ ବୃହତ୍ତର ବାକ୍ୟର ଅଂଶ ହୋଇଥିଲେ, ତାହାକୁ ଖଣ୍ଡବାକ୍ୟ କୁହାଯାଏ ।

ପାଠାନ୍ତର୍ଗତ ଉଦାହରଣ—

ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟ ଜାଗିଅଛି, ଏହା ସମସ୍ତେ ଅନୁଭବ କରୁଅଛୁଁ । (ରେଖାଙ୍କିତ ବାକ୍ୟ ଏକ ଖଣ୍ଡବାକ୍ୟ ଅଟେ)

## ୨୨.୭ ଶବ୍ଦାର୍ଥ

ସର୍ବତ୍ର—ସବୁଠାରେ

ମାୟା-ମମତା—ସ୍ନେହ-ଶ୍ରଦ୍ଧା

ଅଭିପ୍ରାୟ—ଉଦ୍ଦେଶ୍ୟ

ସ୍ୱର୍ଗାଦପି—ସର୍ଗଠାରୁ

ଗରୀୟସୀ—ବଡ଼

ବିଜଡ଼ିତ—ସମ୍ପୃକ୍ତ

ଆକାଙ୍‌କ୍ଷା—ଅଭିଳାଷ

ଏକୀଭୂତ—ଏକାଠି

ଅନ୍ତରାୟ—ପ୍ରତିବନ୍ଧକ

ପ୍ରୟାସ—ଉଦ୍ୟମ, ଚେଷ୍ଟା

ଚିରଦିନ—ସବୁଦିନ

ଉଦ୍ଭବ—ସୃଷ୍ଟି, ଜନ୍ମ

ପ୍ରକଟିତ—ପ୍ରକାଶିତ

ସଂକୀର୍ଣ୍ଣ—କ୍ଷୁଦ୍ର

ଧ୍ୱଜା—ପତାକା

## ୨୨.୭ ପଠନ ଅଭ୍ୟାସ

୧. ଜାତୀୟ କ୍ରମବିକାଶ ପାଇଁ ଆମର କର୍ତ୍ତବ୍ୟ କ'ଣ ?

୨. ଓଡ଼ିଶାରେ ବାସ କରୁଥିବା ଅଣଓଡ଼ିଆମାନଙ୍କ ହୃଦୟରେ ଜାତି ପ୍ରେମ ଜାଗ୍ରତ ପାଇଁ ପ୍ରାବନ୍ଧିକ କିଭଳି ଉଦ୍ୟମ କରିଛନ୍ତି ?

୩. ଉତ୍କଳ ସମ୍ମିଳନୀ ସମ୍ପର୍କରେ ପ୍ରାବନ୍ଧିକଙ୍କ ମତାମତ କ'ଣ ?

୪. ଭାରତୀୟ ଜାତୀୟତା ମହାସ୍ରୋତରେ ସଭିଏଁ ମିଶିବା ପାଇଁ ପ୍ରାବନ୍ଧିକ କିପରି ଉଦ୍ୟମ କରୁଛନ୍ତି ?

୫. ଓଡ଼ିଶାର ଶ୍ରୀଜଗନ୍ନାଥ କ୍ଷେତ୍ର ସମ୍ପର୍କରେ ଉକ୍ତ ପ୍ରବନ୍ଧରେ କ'ଣ କୁହାଯାଇଛି ?

୬. ଓଡ଼ିଆ ପ୍ରାଣର ଉଦାରତାର ପ୍ରମାଣ ନିମନ୍ତେ ପ୍ରାବନ୍ଧିକ କେଉଁ ଯୁକ୍ତି ସବୁ ଅବତାରଣା କରିଛନ୍ତି ?

୭. ନୀଳାଚଳ ଧାମକୁ ଭାରତର ବହୁ ଦୂରଦୂରାନ୍ତରରୁ ଭକ୍ତ ଓ ସାଧକମାନେ ଆକୃଷ୍ଟ ହୋଇ ଆସିବାର କାରଣ କ'ଣ ?

୮. ଓଡ଼ିଶାର ଶ୍ରୀଜଗନ୍ନାଥ ଧାମରେ ସାମ୍ୟବାଦ କିଭଳି ପ୍ରକଟିତ ?

୯. ଓଡ଼ିଆ ପ୍ରାଣର ବିଶାଳତାର ପ୍ରମାଣ ନିମନ୍ତେ ପ୍ରାବନ୍ଧିକ କେଉଁ ଉଦାହରଣଗୁଡ଼ିକୁ ଗ୍ରହଣ କରିଛନ୍ତି ?

୧୦. କେହି କେହି କହନ୍ତି ପରାଧୀନ ଜାତିର ରାଜନୀତି ନାହିଁ—ଏ ସମ୍ପର୍କରେ ପ୍ରାବନ୍ଧିକଙ୍କ ମତାମତ କ'ଣ ?

୧୧. ଭାରତ ସହିତ ଓଡ଼ିଶାର କିଭଳି ନିତ୍ୟ ସମ୍ବନ୍ଧ ରହିଛି, ତାହା ଉକ୍ତ ପ୍ରବନ୍ଧରୁ ଯୁକ୍ତି ଉପସ୍ଥାପନ କରି ବୁଝାଇ ଦିଅ ।

୧୨. ନୀଳାଚଳ ଧାମର ବିଶେଷତ୍ୱ କ'ଣ ?

୧୩. ଭାରତ ପାଇଁ କାର୍ଯ୍ୟ ନକଲେ ଓଡ଼ିଆମାନେ କିଭଳି ଆତ୍ମଘାତୀ ହେବେ, ତାହା ବୁଝାଇ ଦିଅ ।

୧୪. କେଉଁମାନଙ୍କୁ ସାହାଯ୍ୟ ଦେଇ ଓଡ଼ିଆମାନେ ନିଜର ଆଶ୍ରିତବତ୍ସଳତାର ପ୍ରମାଣ ଦେଖାଇ ଅଛନ୍ତି ।

୧୫. ସୁଲେମାନ କିଏ ଓ ତାଙ୍କୁ କିଏ ଦମନ କରିଥିଲେ ?

## ୨୨.୮ ଆତ୍ମସମୀକ୍ଷାମୂଳକ ପ୍ରଶ୍ନାବଳୀର ଉତ୍ତର

୧. ପ୍ରାକୃତିକ ନିୟମରେ ଗଠିତ ଉତ୍କଳ ବା ଓଡ଼ିଶା ନାମକ ଭୂଖଣ୍ଡରେ ସମାନ ଆଶା, ଆକାଙ୍‌କ୍ଷା, ଓ ସ୍ୱାର୍ଥ ନେଇ ଯେଉଁମାନେ ବାସ କରନ୍ତି, ସେମାନେ ଓଡ଼ିଆ ।

୨. ପବିତ୍ର ଓ ପ୍ରେମମୟ କ୍ଷେତ୍ର ।

୩. ଓଡ଼ିଶା ହେଉଛି ସେମାନଙ୍କର ଜନ୍ମଭୂମି, କର୍ମକ୍ଷେତ୍ର, ବାର୍ଦ୍ଧକ୍ୟ କାଳର ବିଶ୍ରାମ କ୍ଷେତ୍ର ଓ ଅନ୍ତିମ କାଳର ଶୟନଭୂମି ।

୪. ଭାରତର ଜାତୀୟତା ପ୍ରଶ୍ନ ଉଠାଇ ଯେଉଁ ଓଡ଼ିଶାବାସୀ ଅଣଓଡ଼ିଆ ସ୍ୱାତନ୍ତ୍ର୍ୟ ଓ ନିଜର ସ୍ୱତ୍ୱ ଦାବି କରନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ, ମାୟା, ମମତା ସଙ୍ଗେ ନିଜକୁ ସାମିଲ ନ କରନ୍ତି ।

୫. ଉତ୍କଳ ସମ୍ମିଳନୀ

୬. ଭାରତୀୟ ଆକାଙ୍‌କ୍ଷା ସଙ୍ଗେ ଆମର ଜାତୀୟ ଆକାଙ୍‌କ୍ଷା ମିଳାଇ ଭାରତ ମହାଜାତିର କଲ୍ୟାଣରେ ଆମେ ନିଜକୁ ବିନିଯୋଗ କରିବା ଉଚିତ ।

୭. ପଣ୍ଡିତ ଗୋପବନ୍ଧୁ ଦାସ ।

୮. ଓଡ଼ିଶାର ଜାତୀୟତା ଜଡ, ନିର୍ଜୀବ, ନୀରସ ଓ ସ୍ୱାର୍ଥ କଳୁଷିତ ନୁହେଁ କିମ୍ବା ରାଜ୍ୟ ଲାଭ ପାଇଁ ରକ୍ତପାତରେ ଏହାର ପ୍ରତିଷ୍ଠା ହୋଇନାହିଁ । ଗଭୀର ଧର୍ମଭାବ ଏହାର ଭିତ୍ତି ।

୯. ଏଠାରେ କ୍ଷୁଦ୍ର-ବୃହତ୍, ରାଜା-ପ୍ରଜା, ବ୍ରାହ୍ମଣ-ଚଣ୍ଡାଳ, ପାମର-ପ୍ରେମିକ ଏପରିକି ହିନ୍ଦୁ-ବୌଦ୍ଧ ଭେଦ ନାହିଁ । ଏ କ୍ଷେତ୍ରର ସାମ୍ୟବାଦ ନୀତି, ଉଦାର ଭାବ, ମୈତ୍ରୀ ଓ ଭ୍ରାତୃବୋଧ ସମସ୍ତଙ୍କୁ ଆକୃଷ୍ଟ କରିବାର ପ୍ରଧାନ ବିଶେଷତ୍ୱ ।

୧୦. ଶ୍ରୀଚୈତନ୍ୟ ।

୧୧. କବୀର ।

୧୨. ଭାରତୀୟ ଜାତୀୟତା ସମ୍ପର୍କରେ ଓଡ଼ିଆ ଜାତିର ଉଦାସୀନତା ।

୧୩. ଶଙ୍କର—ଅଦ୍ୱୈତବାଦ ।

ରମାନୁଜ—ବିଶିଷ୍ଟାଦ୍ୱୈତବାଦ ।

୧୪. ପଣ୍ଡିତ କୃପାସିନ୍ଧୁ ମିଶ୍ର ।

୧୫. ବଙ୍ଗରାଜ । ସେ ୧୨୦୩ ଖ୍ରୀ:ଅରେ ମହମଦ୍ ବକ୍ତିଆର ଖିଲିଜଙ୍କ ଦ୍ୱାରା ବିତାଡିତ ହୋଇ ଓଡିଶାର ଆଶ୍ରୟ ନେଇଥିଲେ ।

୧୬. ପ୍ରଥମ ଇଂରେଜ ବଣିକ, ଯାହାଙ୍କୁ ଓଡିଆମାନେ ପର୍ତ୍ତୁଗୀଜ ଆକ୍ରମଣରୁ ରକ୍ଷା କରିଥିଲେ

୧୭. ରାଜା ନରସିଂହ ଦେବ ।

୧୮. ବଙ୍ଗର ନବାବ ସୁଲେମାନଙ୍କୁ ଦମନ କରିବା ପାଇଁ ।

୧୯. ବଙ୍ଗରାଜ ଲକ୍ଷ୍ମଣ ସେନ, ବଙ୍ଗର ସୁଲତାନ୍ ଇବ୍ରାହିମ୍, ମୋଗଲ ସମ୍ରାଟ ଆକବର, ବାହାମନୀ ରାଜ୍ୟର ସୁଲତାନ, ଇଂରେଜ ବଣିକ କାର୍ଟରାଇଟ୍ ।

୨୦. ଆଶ୍ରିତ ବତ୍ସଳତା, ଉଦାରତା, ସାହାଯ୍ୟ ପରାୟଣତା ।

**ବ୍ୟାକରଣ**

୧. ପରସ୍ପର ସନ୍ନିହିତ ଦୁଇଟି ବର୍ଣ୍ଣର ମିଳନକୁ ସନ୍ଧି କହନ୍ତି । ଏହା ତିନି ପ୍ରକାର । ଯଥା—

ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି, ବିସର୍ଗ ସନ୍ଧି ।

୨. ଶବ୍ଦରେ ପ୍ରତ୍ୟୟ ଯୁକ୍ତ ହୋଇ ନୂତନ ଶବ୍ଦ ଗଠିତ ହେଲେ, ସେହି ପ୍ରତ୍ୟୟକୁ ତଦ୍ଧିତ ପ୍ରତ୍ୟୟ ଏବଂ ଗଠିତ ନୂତନ ଶବ୍ଦକୁ ତଦ୍ଧିତ ଶବ୍ଦ କହନ୍ତି ।

ଉଦାହରଣ : ପୃଥକ+ଯ=ପାର୍ଥକ୍ୟ (ଭାବାର୍ଥରେ 'ଯ' ପ୍ରତ୍ୟୟ)

ପ୍ରାଣ+ଇନ୍=ପ୍ରାଣୀ (ଅସ୍ତି ଅର୍ଥରେ 'ଇନ୍' ପ୍ରତ୍ୟୟ)

ଜାତି+ଈୟ=ଜାତୀୟ (ସମ୍ବନ୍ଧାର୍ଥରେ 'ଈୟ' ପ୍ରତ୍ୟୟ)

ସର୍ବ+ତ୍ର=ସର୍ବତ୍ର (ସପ୍ତମୀ ବିଭକ୍ତି ଅର୍ଥରେ 'ତ୍ର' ପ୍ରତ୍ୟୟ)

୩. ଧାତୁ (କ୍ରିୟା)ରେ ପ୍ରତ୍ୟୟ ଯୁକ୍ତ ହୋଇ ଗଠିତ ନୂତନ ପଦକୁ କୃଦନ୍ତ ପଦ କହନ୍ତି ।

୪. ଏକାଧିକ ନିରପେକ୍ଷ ସରଳ ବାକ୍ୟର ସଂଯୋଗରେ ଗଠିତ ବାକ୍ୟକୁ ଯୌଗିକ ବାକ୍ୟ କହନ୍ତି ।

ଉଦାହରଣ : ପତିଙ୍କ ଅନୁମତିରେ ସୀତା ରାଜବେଶ ପରିତ୍ୟାଗ କଲେ ଓ ସନ୍ନ୍ୟାସିନୀ ବେଶରେ ପତିଙ୍କ ସହଗାମିନୀ ହେଲେ ।

୫. ଏକାଧିକ ନିରପେକ୍ଷ ସରଳ ବାକ୍ୟର ସଂଯୋଗରେ ସରଳ ବାକ୍ୟ ଗଠିତ କିନ୍ତୁ ପରସ୍ପର ସାପେକ୍ଷ ଏକାଧିକ ଖଣ୍ଡବାକ୍ୟର ମିଳନରେ ଜଟିଳ ବାକ୍ୟ ଗଠିତ ।

୬. (କ) ଜଟିଳ ବାକ୍ୟ

(ଖ) ସରଳ ବାକ୍ୟ

(ଗ) ଯୌଗିକ ବାକ୍ୟ

୭. ପବିତ୍ର ରଘୁବଂଶରେ ଜନ୍ମ ହୋଇ ପିତୃସତ୍ୟ ପାଳନ କରିବା ତାଙ୍କର ପରମ କର୍ତ୍ତବ୍ୟ ବୋଲି ରାମ କହିଲେ ।

୮. ୨୦ ।

୯. ଆ—ଆଦାନ, ଆଗମନ, ଆମରଣ, ଆକ୍ରାନ୍ତ

ପ୍ର—ପ୍ରଦାନ, ପ୍ରକ୍ରିୟା, ପ୍ରଭାବ, ପ୍ରବାଦ

ଦୁର୍—ଦୁର୍ଭାଗ୍ୟ, ଦୁର୍ଭିକ୍ଷ, ଦୁଃସାଧ୍ୟ, ଦୁର୍ଘଟନା

ବି—ବିଖ୍ୟାତ, ବିଫଳ, ବିଜ୍ଞାନ, ବିଜାତୀୟ

ପରା—ପରାକ୍ରମ, ପରାଜୟ, ପରାଭବ, ପରାଭୂତ

ପ୍ରତି—ପ୍ରତିହିଂସା, ପ୍ରତିଯୋଗୀ, ପ୍ରତିମୂର୍ତ୍ତି, ପ୍ରତିଦ୍ୱନ୍ଦ୍ୱୀ

୧୦. ପରସ୍ପର ସମ୍ବନ୍ଧିତ ଏକାଧିକ ପଦକୁ ଏକ ପଦରେ ପ୍ରକାଶ କରିବାର ନାମ ସମାସ ।

୧୧. ସମାସରେ ସମସ୍ୟମାନପଦ (ସମାସ ବାକ୍ୟରେ ଥିବା ପ୍ରତ୍ୟେକ ପଦ) ଗୁଡ଼ିକରେ ବିଭକ୍ତିର ଚିହ୍ନ ଲୋପ ପାଇବା ହିଁ ଲୁକ୍ ସମାସର ଲକ୍ଷଣ କିନ୍ତୁ ସେହି ବିଭକ୍ତି ଚିହ୍ନଗୁଡ଼ିକ ଅଲୁକ୍ ସମାସରେ ଲୋପ ପାଇନଥାନ୍ତି ।

୧୨. ଶରଣକୁ ଆପନ୍ନ=ଶରଣାପନ୍ନ (ଦ୍ୱିତୀୟା ତତ୍ପୁରୁଷ)
ସର୍ପ ଦ୍ୱାରା ଦଷ୍ଟ=ସର୍ପଦଷ୍ଟ (ତୃତୀୟା ତତ୍ପୁରୁଷ)
ଦେବକୁ ଅର୍ପିତ=ଦେବାର୍ପିତ (ଚତୁର୍ଥୀ ତତ୍ପୁରୁଷ)
ସମାଜରୁ ଚ୍ୟୁତ=ସମାଜଚ୍ୟୁତ (ପଞ୍ଚମୀ ତତ୍ପୁରୁଷ)
କୁଳର କଳଙ୍କ=କୁଳକଳଙ୍କ (ଷଷ୍ଠୀ ତତ୍ପୁରୁଷ)

୧୩. ଗୃହକୁ ଆଗତ=ଗୃହାଗତ (ଦ୍ୱିତୀୟା ତତ୍ପୁରୁଷ ସମାସ)
ନ ଅତି ଦୀର୍ଘ=ଅନତିଦୀର୍ଘ (ନଞ୍ ତତ୍ପୁରୁଷ)
ଉତ୍ତପ୍ତ ଅଟେ ଖଇ=ଉତ୍ତପ୍ତଖଇ (କର୍ମଧାରୟ)
ବିଧିକୁ ଅତିକ୍ରମ ନକରି=ଯଥାବିଧି (ଅବ୍ୟୟୀଭାବ)
ରାଧା ଓ କୃଷ୍ଣ=ରାଧାକୃଷ୍ଣ (ଦ୍ୱନ୍ଦ୍ୱ ସମାସ)
ପଞ୍ଚବଟର ସମାହାର=ପଞ୍ଚବଟି (ଦ୍ୱିଗୁ ସମାସ)
ଜଗତର ନାଥ ଯେ=ଜଗନ୍ନାଥ (ବହୁବ୍ରୀହି)
ହରି ଓ ହର=ହରିହର (ଦ୍ୱନ୍ଦ୍ୱ ସମାସ)
ପଥରେ ଗମନ କରେ ଯେ—ପଥାଗାମୀ (ଉପପଦ ତତ୍ପୁରୁଷ)

୧୪. ଚତୁଃ+ଦିଗ, ଉଚ୍ଚ+ଆସନ, ମହା+ଆନନ୍ଦ, ଗଙ୍ଗା+ଉଦକ, ଉପରି+ଉପରି, ଯଥା+ଉପଯୁକ୍ତ, ଗୁଣ+ଆକର, ମହା+ଉତ୍ସବ

୧୫. ଦାତବ୍ୟ—କୃଦନ୍ତ, ବସ୍ତ—କୃଦନ୍ତ, ଖ୍ୟାତ—କୃଦନ୍ତ, ମତ—ତଦ୍ଧିତ, ଉତ୍କଳୀୟ—ତଦ୍ଧିତ, ଅର୍ଚ୍ଚନା—କୃଦନ୍ତ, ସାଧନା—କୃଦନ୍ତ, ସାମୟିକ—ତଦ୍ଧିତ, ଉଦାରତା—ତଦ୍ଧିତ

୧୬. ଅସମାପିକା କ୍ରିୟା—ଯାଉ ଯାଉ, ସମାପିକା କ୍ରିୟା—ଅଟକିଗଲା

୧୭. କେତେକ ପଦର ସମଷ୍ଟିରେ କର୍ତ୍ତା ଓ ସମାପିକା କ୍ରିୟା ଥାଇ ସୁଦ୍ଧା ପୂର୍ଣ୍ଣ ମନୋଭାବ ପ୍ରକାଶିତ ନହେଲେ ଏବଂ ସେହି ପଦ ସମଷ୍ଟି ଗୋଟିଏ ବୃହତ୍ତର ବାକ୍ୟର ଅଂଶ ହୋଇଥିଲେ, ତାହାକୁ ଖଣ୍ଡବାକ୍ୟ କୁହାଯାଏ ।

ଉଦାହରଣ—ଓଡ଼ିଶାର ନୀଳାଚଳଧାମ ଯେ ସବୁଧର୍ମର ସମନ୍ୱୟ କ୍ଷେତ୍ର, ଏକଥା ସମସ୍ତେ ସ୍ୱୀକାର କରନ୍ତି । (ରେଖାଙ୍କିତ ବାକ୍ୟଟି ଖଣ୍ଡବାକ୍ୟ ଅଟେ)

## ୨୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ପ୍ରାବନ୍ଧିକ କେଉଁମାନଙ୍କୁ ଓଡିଆ କହିଛନ୍ତି ?
୨. ଓଡ଼ିଶାରେ ବାସ କରୁଥିବା ଅଣଓଡ଼ିଆମାନଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ ?
୩. ଉତ୍କଳ ସମ୍ମିଳନୀର ଲକ୍ଷ୍ୟ କଣ ଥିଲା ?
୪. ଜାତୀୟ ଉନ୍ନତି ପାଇଁ କେଉଁ କେଉଁ ଦିଗର ବିକାଶ ଆବଶ୍ୟକ ।
୫. "ଆମ୍ଭେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡ଼ିଆ"—ଏକଥା କିଏ କହିଥିଲେ ?
୬. ଓଡିଆ ଜାତିର ସ୍ୱାତନ୍ତ୍ର୍ୟ କେଉଁ ଦୁଇ ମହତ୍ଗୁଣ ଉପରେ ନିର୍ଭର କରେ ?
୭. ଓଡିଶାର କେଉଁ ଧାମରେ ଗଭୀର ଉଦାର ଭାବ ଓ ସମନ୍ୱୟ ଭାବ ପ୍ରକଟିତ ?
୮. ଶ୍ରୀଜଗନ୍ନାଥ ଧାମକୁ ଆସିଥିବା କେତେଜଣ ପ୍ରଧାନ ଭକ୍ତ ତଥା ଧର୍ମ ପ୍ରଚାରକଙ୍କ ନାମ ଲେଖ ?
୯. ଦୁଇଜଣ ମୁସଲମାନ ଶ୍ରୀଜଗନ୍ନାଥ ଭକ୍ତଙ୍କ ନାମ ଲେଖ ?

୧୦. କେଉଁଥିରୁ ଓଡ଼ିଆ ପ୍ରାଣର ବିଶାଳତାର ପ୍ରମାଣ ମିଳେ ?

୧୧. ପ୍ରାବନ୍ଧିକ କେଉଁମାନଙ୍କୁ ଆତ୍ମଘାତୀ କହିଛନ୍ତି ?

୧୨. ନୀଳାଚଳ ଧାମର ବିଶେଷତ୍ୱ କ'ଣ ?

୧୩. କେତେ ଖ୍ରୀଷ୍ଟାବ୍ଦରେ ବାହାମନୀ ସୁଲତାନ ଓଡ଼ିଆଙ୍କ ସାହାଯ୍ୟ ଭିକ୍ଷା କରିଥିଲେ ?

୧୪. ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡ଼ିଆମାନେ କାହାକୁ ପର୍ତ୍ତୁଗୀଜଙ୍କ ଆକ୍ରମଣରୁ ଉଦ୍ଧାର କରିଥିଲେ ?

୧୫. କେଉଁ ମୋଗଲ ସମ୍ରାଟ ଓଡ଼ିଆମାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ ?

୧୬. ୧୪୬୦ ରେ କିଏ ବାରବାଟୀରେ ଆଶ୍ରୟ ଲୋଡ଼ିଥିଲେ ଓ କାହିଁକି ?

୧୭. ଉକ୍ତ ପ୍ରବନ୍ଧଟିର ନାମ କ'ଣ ?

୧୮. ଉକ୍ତ ପ୍ରବନ୍ଧଟିରେ ପ୍ରାବନ୍ଧିକଙ୍କ ଅଭିମୁଖ୍ୟ କ'ଣ ?

୧୯. ଭାରତ ସହିତ ଓଡ଼ିଶାର କିଭଳି ସମ୍ପର୍କ ରହିଛି, ତାହା ପ୍ରବନ୍ଧରୁ ବୁଝାଇ ଦିଅ ।

୨୦. ଓଡ଼ିଆମାନେ ସାହାଯ୍ୟ କରିଥିବା ପ୍ରଥମ ଇଂରେଜ ବଣିକଙ୍କ ନାମ କ'ଣ ?

**ବ୍ୟାକରଣ ପ୍ରଶ୍ନ**

୧. ଯୌଗିକ ଓ ଜଟିଳ ବାକ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇ ନିଜ ମନରୁ ଗୋଟିଏ ଗୋଟିଏ ଉଦାହରଣ ଦିଅ ।

୨. ତଦ୍ଧିତ କାହାକୁ କହନ୍ତି ? ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକର ଯୋଗରେ ତଦ୍ଧିତ ପଦ ଗଠନ କର ।

ଇକ—

ଯ—

ଈୟ—

ତା—

ଈୟସ୍—

୩. ନିମ୍ନଲିଖିତ ପଦର ପ୍ରତ୍ୟୟ ନିର୍ଣ୍ଣୟ କରି କୃଦନ୍ତ ଓ ତଦ୍ଧିତ ପଦ ଚିହ୍ନାଇ ଦିଅ ।
ଦୈନିକ, ଭୋକ୍ତବ୍ୟ, ତାରୁଣ୍ୟ, ଯାତନା, ବଳୀୟାନ୍, ଶାରଦୀୟ, ଖ୍ୟାତ, ଛତ୍ର, ଉଦାରତା ।

୪. ଉପସର୍ଗର ସଂଖ୍ୟା କେତେ ଓ ସେଗୁଡ଼ିକ କ'ଣ କ'ଣ ?

୫. ନିମ୍ନଲିଖିତ ଶବ୍ଦଗୁଡ଼ିକରୁ ଉପସର୍ଗଗୁଡ଼ିକୁ ଚିହ୍ନାଇ ଦିଅ ।

ଆରକ୍ତ—

ଅଧିକାର—

ଦୁରାରୋଗ୍ୟ—

ସୁଚରିତ୍ର—

ପରାକାଷ୍ଠା—

ଅପବାଦ—

ଉଚ୍ଛୃଙ୍ଖଳ—

ଅତ୍ୟୁକ୍ତି—

୬. ଲୁକ୍ ସମାସ କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ?

୭. ତତ୍ପୁରୁଷ ସମାସ କାହାକୁ କହନ୍ତି ? ଏହାର ପ୍ରକାର ଭେଦ ସୂଚାଅ ?

୮. ନିଷେଧାର୍ଥକ ତତ୍ପୁରୁଷ ସମାସ କାହାକୁ କହନ୍ତି ? ଏହାର ଅନ୍ୟନାମ କ'ଣ ? ଏଥିରୁ ଗୋଟିଏ ଉଦାହରଣ ଦିଅ ।

୯. ସମାସ ନିର୍ଣ୍ଣୟ କର ।

କୁଳବୁଡ଼ା, ଗଙ୍ଗାନଦୀ, ଚକ୍ରପାଣି, ମାଗୁର ନିଶୁଆ, ନୂଆ ପୁରୁଣା, ଚଉମୁହାଣୀ, ମଣିଷ-ଖିଆ, ଯଥାକ୍ରମ ।

୧୦. ସଂକ୍ଷେପରେ ପ୍ରକାଶ କର ।

ଘୃତ ମିଶ୍ରିତ ଅନ୍ନ, ଉଡ଼ନ୍ତା ଅଟେ ଖଇ, ବିଧିକୁ ଅତିକ୍ରମ ନକରି, ନ ଅତି ବିଳମ୍ବ, ଦ୍ବି ଅଧିକ ଦଶ, ଚାରି ମୁହାଣର ସମାହାର ।

୧୧. ସନ୍ଧି ବିଚ୍ଛେଦ କର ।

ଉଚ୍ଚାସନ, ଶଶାଙ୍କ, ବିଦ୍ୟାଳୟ, ଗଙ୍ଗୋଦକ, ଉପର୍ଯ୍ୟୁପରି, ଯଥୋପଯୁକ୍ତ

୧୨. ଉକ୍ତି ପରିବର୍ତ୍ତନ କର ।

(କ) ବାରୁଣାବନ୍ତ ଯାଇ ଅର୍ଜୁନଙ୍କୁ ଆଣିବା ପାଇଁ ଶ୍ରୀକୃଷ୍ଣ ତାରକୁ ଆଦେଶ ଦେଲେ ।

(ଖ) ଶିକ୍ଷକ ଛାତ୍ରମାନଙ୍କୁ କହିଲେ; "ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କଲେ ଈଶ୍ୱର ପ୍ରସନ୍ନ ହୁଅନ୍ତି ।"